






# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।

ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।

ହରି-କିପରି ?

ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଲ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୧୭

# ଆତ୍ମା, ପ୍ରେତାତ୍ମା, ପରମାତ୍ମା

***ମନର ଉଦ୍‌ବେଗ/ପ୍ରକୋପ ଓ ବିବେକର ଶିଥିଳତା ମଧ୍ୟରେ ସନ୍ନିବେଶିତ ମଣିଷ ଆତ୍ମାର ସତ୍ୟତା ଉପରେ ଅନୁସନ୍ଧିତ୍ସୁ ମଣିଷ ଅଦ୍ୟାବଧି ସନ୍ଦେହରେ! କାରଣ କ'ଣ?***



କୁହାଯାଏ ଆତ୍ମା ଶାଶ୍ୱତ, ଚିରନ୍ତନ, ଅମର। ମନୁଷ୍ୟର କର୍ମ, ଧର୍ମରେ ଆଧାରିତ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟରେ ପ୍ରବେଶ କରି ନୂତନ ଜୀବନ ପ୍ରବାହ କରିବା ପ୍ରାବନ୍ଧ ରହିଥାଏ ଯାହା ନିରାକାରଙ୍କ ଇଚ୍ଛାଧୀନ। ନିରାକାର ଏକ ବୃହତ୍ତର (ପରମାତ୍ମା) ଆତ୍ମା ଯିଏ ନିର୍ବିକାର। ଅର୍ଥାତ କୌଣସି ମନ୍ଦ ଉଦ୍ଦେଶ୍ୟ ତଥା ପକ୍ଷପାତିତାର ପୃଷ୍ଠପୋଷକ ହୋଇନଥା'ନ୍ତି ନିରାକାର ଯାହାଙ୍କୁ ଆମେ ଭଗବାନ ଭାବରେ ଜାଣୁ। ସେହି ନିରାକାର ଭଗବାନଙ୍କ ପ୍ରେମ ବତ୍ସଳ ସନ୍ତାନ ସ୍ୱରୂପ ଜନ୍ମ ମଣିଷର ସମସ୍ତ କାର୍ଯ୍ୟ ତଥା ପ୍ରେରଣାର ବାର୍ତ୍ତାବହ ଭଗବାନ କେବେ କାହା ପ୍ରତି ପାତରଅନ୍ତର ନୀତି ପୋଷଣ କରିନଥା'ନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ। କିନ୍ତୁ ନିଜ ଆତ୍ମା ସହିତ ପରିଚୟ ବିହୀନ ମଣିଷ ସେହି ବୃହତାତ୍ମାର ପରିଚୟ ପାଇବା କେତେଦୂର ସମ୍ଭବ? ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କ ଭାବାବେଗ ଉପରେ ଯଥେଷ୍ଟ କୌତୁହଳ ସୃଷ୍ଟି ହୁଏ ଯେତେବେଳେ ସାଧାରଣ ଅଜ୍ଞାନ ଭଗବାନଙ୍କ ଉପରେ ତର୍ଜମା କରିଥା'ନ୍ତି। କୌଣସିମତେ ଗଳା ବାଟରେ କମ୍ ସମୟରେ ସମ୍ପୂର୍ଣ୍ଣତା ଅଧିଗ୍ରହଣ କରିବା ପ୍ରୟାସ ଜନିତ ମଣିଷ ମନର ଦୌରାତ୍ମ୍ୟ ସହଜରେ ବୁଝିବା ସମ୍ଭବ ନୁହେଁ! ପ୍ରତ୍ୟେକ ମଣିଷ ବାଲ୍ୟ କାଳରୁ ବିଭିନ୍ନ ପ୍ରେତାତ୍ମା, ପରମାତ୍ମା ସହିତ ଅନେକ ଅଲୌକିକ ବିଷୟଗୁଡ଼ିଏ ଉପରେ ଆଧାରିତ ଗଳ୍ପ ହେଉକି ଆଲେଖ୍ୟ କିମ୍ବା ପ୍ରବଚନ ପଢ଼ି, ଶୁଣି ସଂସାରର ସମସ୍ତ ପାର୍ଥିବ ବସ୍ତୁଗୁଡ଼ିକୁ ନେଇ ଜୀବନ ପ୍ରବାହ କରୁଥିଲେ ମଧ୍ୟ ଅଲୌକିକତାକୁ ଜୀବନ ଶେଷ ପର୍ଯ୍ୟନ୍ତ ପ୍ରକାଣ୍ଡ ଦୃଢ଼ତାର ସହିତ ଜାବୁଡ଼ି ଧରିଥା'ନ୍ତି। କାରଣ ଅଲୌକିକ କେବେ ଦେଖି, ଆଘ୍ରାଣ କରି କିମ୍ବା ଅନୁଭବ କରିବା ସୁଯୋଗ ମିଳିନଥିଲେ ମଧ୍ୟ ତା'ର ମାନସ ମନ୍ଥନ ଜନିତ ଉପସ୍ଥିତ ସମୟର ଅନୁଭୂତିରେ ଯେଉଁ ଆନନ୍ଦ ମିଳିଥାଏ ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ। ସେହି ଆନନ୍ଦ ଉପଭୋଗ କରିବା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ଏବଂ କୌଣସି ପ୍ରତିବନ୍ଧକରହିତ ହୋଇଥିବା ହେତୁ ପ୍ରାୟତଃ ସମସ୍ତଙ୍କୁ ଆକର୍ଷିତ କରିଥାଏ। ସେହି ଆନନ୍ଦରେ ନିମଜ୍ଜିତ ଶିକ୍ଷିତ-ଅଶିକ୍ଷିତ, ଧନୀ-ଗରିବ, ଉଚ୍ଚ-ନୀଚ ନିର୍ବିଶେଷରେ ସମସ୍ତେ ସମ୍ପୃକ୍ତ ଚରଣ ଭୂମିରେ ଉପନୀତ। ସର୍ବେ ସମାନ ଦୃଷ୍ଟିରେ ପରିଚାଳିତ କୌଣସି ସାମ୍ପ୍ରଦାୟୀକ ଗୋଷ୍ଠିରେ ସଂଶ୍ଳିଷ୍ଟ ସମସ୍ତ ସଦସ୍ୟ ଗୋଟିଏ ପରିବାର ସଦୃଶ୍ୟ ଦେଖିବାକୁ ମିଳି। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସମ୍ମିଳନୀ କ୍ଷେତ୍ର ବହିର୍ଭୂତ ପୁନଃ ସବୁ ମଣିଷର ଷଡ଼ରିପୁ ଗୁଡ଼ିକ ସତେଜ ହୋଇ ଉଠିଥାଏ ଯାହାର ପରିଣାମ ସ୍ୱରୂପ ସେମାନଙ୍କ ପ୍ରକାଶ ଜଣେ ସାଧାରଣ ମଣିଷ ଭଳି ହୋଇଥାଏ। ଅର୍ଥାତ ଜଣେ ସାଧାରଣ ମଣିଷ ତଥା କଥିତ ଗୁରୁଙ୍କ ପ୍ରବଚନ, କରୁଣାରୁ କୌଣସି ମତେ ନିଜ ଜୀବନ କାଳ ମଧ୍ୟରେ ସେହି ଅଲୌକିକ ନିରାକାରଙ୍କ ବାସ୍ତବ ସତ୍ତା ନପାଇ ପାରିଲେ ମଧ୍ୟ ପରଲୋକରେ ପ୍ରାପ୍ତି ହେବା ଲକ୍ଷ ରଖି ଯେଉଁ ଆନନ୍ଦ ପାଇଥାଏ ତାହା ସର୍ବଗ୍ରାହୀ ହେଉଥିବା ଆମେ ସମସ୍ତେ ଜାଣୁ।

ଆତ୍ମା ଠାରୁ ପରମାତ୍ମା ପର୍ଯ୍ୟନ୍ତ ତ୍ରିସ୍ତରୀୟ ବିଶ୍ଳେଷଣାତ୍ମକ ଅନୁଶୀଳନୀ ଭାରତୀୟ ସାଂସ୍କୃତିକ, ଧାର୍ମିକ ବିଚାରରେ ବର୍ଣ୍ଣିତ। ମଣିଷ ଜୀବିତ ରହିଥିବା ସମୟରେ ତା' ଶରୀର ମଧ୍ୟରେ ଆତ୍ମା ସମ୍ପୃକ୍ତ ମଣିଷର ଆଚରଣ, ଭାବଧାରା, ସଂଚିତ ସାମାଜିକ ଚରିତ୍ର ଏବଂ କାର୍ଯ୍ୟକଳାପ ଗୁଡ଼ିକ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ନପକାଇ କେବଳ ସେଗୁଡ଼ିକୁ ସଂରକ୍ଷିତ କରିଥାଏ ଯାହା ତାକୁ ପର ଜନ୍ମରେ ପୁନଃ ପ୍ରାପ୍ତି ହୋଇଥାଏ ବୋଲି ଅନୁଭବ ସମସ୍ତଙ୍କର ରହିଛି। ସେହି ବାର୍ତ୍ତାବହ ସଂରକ୍ଷଣକାରୀ ଆତ୍ମା ମଧ୍ୟରେ ଜଣେ ମଣିଷର ବାଲ୍ୟରୁ ମୃତ୍ୟୁ ପର୍ଯ୍ୟ' ସଂରକ୍ଷିତ ସମସ୍ତ କୃତ କାର୍ଯ୍ୟଧାରାକୁ ବିଶ୍ଳେଷଣ କରି ପାପ-ପୁଣ୍ୟର ହିସାବ ଦେଖିବା ପରବର୍ତ୍ତୀ ନିର୍ଣ୍ଣାୟକ ନିଆଯାଇଥାଏ ପରମାତ୍ମାଙ୍କ ଦ୍ୱାରା ବୋଲି ଆମର ବିଶ୍ୱାସ। ଅର୍ଥାତ ଆତ୍ମାର ପରମାତ୍ମା ସହିତ ସାକ୍ଷାତ ପୂର୍ବବର୍ତ୍ତୀ ଗୋଟିଏ ମଧ୍ୟ ସୋପାନରେ ମଣିଷର ଉପସ୍ଥିତ କାର୍ଯ୍ୟାବଳୀର ସମୀକ୍ଷା ପୂର୍ବକ ନିର୍ଣ୍ଣାୟକ ହେତୁ ସେହି କାର୍ଯ୍ୟ ସମ୍ପାଦନ ନହେବା ପର୍ଯ୍ୟ' ତାକୁ ପ୍ରେତାତ୍ମା ରୂପରେ ରହିବାକୁ ପଡ଼ିଥାଏ ବୋଲି କିମ୍ବଦ'ୀ ସର୍ବ ଗ୍ରହୀତ ହୋଇଥାଏ। ହେଲେ ଆତ୍ମାର ପ୍ରେତାତ୍ମା ଅବସ୍ଥାରେ ମଧ୍ୟ ଅନେକ କାର୍ଯ୍ୟକଳାପ ବର୍ଣ୍ଣନା ସମଗ୍ର ମଣିଷ ସମାଜର ଏକ ପୁରାତନ ଗ୍ରହଣୀୟତା ଦେଖିବାକୁ ମିଳେ ସର୍ବ ବିଶ୍ୱବ୍ୟାପୀ। ପ୍ରେତାତ୍ମା ଉପରେ ଆଧାରିତ ଅନେକ ଆଲେଖ୍ୟ, କାହାଣୀ କେତେକ ଲିଖିତ ପୁସ୍ତକ, ଚଳଚିତ୍ର ମାଧ୍ୟମରେ ମଧ୍ୟ ଦେଖିବାକୁ ମିଳେ ସର୍ବତ୍ର। ହେଲେ ପ୍ରେତାତ୍ମା ସହିତ ସଂଯୋଗିକ ସମ୍ପର୍କ ରଖିପାରୁଥିବା ଦାବୀ କରି କେତେକ ମଣିଷ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିଗ୍ରହଣ ପୂର୍ବକ ସାଧାରଣ ଲୋକଙ୍କୁ ତାହାର ପ୍ରଭାବ, ପ୍ରକୋପ ବିଷୟରେ ଆଶାତୀତ ବର୍ଣ୍ଣନା କରିଥା" ଯାହା ସବୁ ଅତ୍ୟ' ଭୟାବହ ଭାବନା ସୃଷ୍ଟି କରେ ସାଧାରଣ ଲୋକଙ୍କ ମନରେ। ପ୍ରେତାତ୍ମା କୌଣସି ମାନବ ଆତ୍ମାର ପରବର୍ତ୍ତୀ ପର୍ଯ୍ୟାୟ ହୋଇଥିବା ହେତୁ ସମ୍ପୃକ୍ତ ମଣିଷର ଚରିତ୍ର, ବିଚାରକୁ (ଆଜି ସମୟର ସବୁ ମଣିଷଙ୍କ ବିଚାରଧାରା ଯାହା ସବୁ ଆମେ ଜାଣୁ) ନେଇ ତାହାର ପ୍ରେତାତ୍ମାର କାର୍ଯ୍ୟ କଳାପ ହୋଇଥିବା ଅନୁମାନ କରି ଜୀବିତ ମଣିଷ ଭୟଭୀତ ହୋଇଥା'ନ୍ତି। କିନ୍ତୁ ଏମିତି କେତେକ ମଣିଷ ମଧ୍ୟ ଦେଖିବାକୁ ମିଳନ୍ତି ଯେଉଁମାନେ ପରମାତ୍ମାଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରୁଥିବା ଦାବୀ କରି ସାଧାରଣ ଲୋକଙ୍କୁ ବିଭିନ୍ନ ଯୁକ୍ତି ବାଢ଼ୁଥିବା ବେଳେ ସମ୍ପୃକ୍ତ ବିଷୟ ଉପରେ ଆଲୋଚନାରେ ଭାବବିହ୍ୱଳ ନିର୍ବୋଧ ଅଜ୍ଞାନ ସ୍ୱର୍ଗାରୋହଣ କରିଥା'ନ୍ତି ସେହି ସମୟ ପାଇଁ। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ବିଶ୍ଳେଷଣ କରି ଅତ୍ୟନ୍ତ ତୃପ୍ତି ହୋଇ ତାହାର ପୁନଃ ପ୍ରଚାରରେ ମଧ୍ୟ ଲାଗି ପଡ଼ନ୍ତି। ପରମାତ୍ମାଙ୍କ ମାନବ ସମାଜ ପାଇଁ କୌଣସି ମନ୍ଦ ବିଚାର ନଥାଇ ବରଂ ସମସ୍ତେ ତାଙ୍କର ପ୍ରେମର ସ'ାନ ବୋଲି ବର୍ଣ୍ଣିତ ସବୁ ଧର୍ମର ଲୋକେ ଏକ ଦିଗମୁଖୀ ହୋଇ ରହିଥବା ସ୍ୱୀକାର୍ଯ୍ୟ। ହେଲେ ସେହି ପରମାତ୍ମାଙ୍କ ଚର୍ଚ୍ଚା, ଜ୍ଞାନ ବାଣ୍ଟୁଥିବା ମଣିଷ ଗୁଡ଼ିକ ପରମାତ୍ମାଙ୍କ ଗୁଣଗାନ କରି କରି ନିଜକୁ ଭଗବାନଙ୍କ ଦ୍ୱାରା ପ୍ରେରିତ ପରିବ୍ରାଜକ, ଦୂତ କିମ୍ବା ତାଙ୍କର ଅଂଶବିଶେଷ ଭାବେ ଆବିର୍ଭୂତ ବୋଲି ବର୍ଣ୍ଣନା କରିଥା'ନ୍ତି ଯାହା ତାଙ୍କ ସହିତ ରହିଥିବା ଗୋଷ୍ଠୀର ମଣିଷଙ୍କ ଦ୍ୱାରା ଅତି ଗ୍ରହଣୀୟ ହେଉଥିବା ବେଳେ ସେମାନେ ମଧ୍ୟ ସହି ମହାନ ଆତ୍ମା ସହିତ ସମ୍ପୃକ୍ତ ବିଶିଷ୍ଟ ବ୍ୟକ୍ତିଙ୍କ ଗୁଣ, ବାଣୀକୁ ବ୍ୟାପ୍ତ ପ୍ରଚାର, ପ୍ରସାରରେ ଲାଗିପଡନ୍ତି। ଫଳସ୍ୱରୂପ ଆଜି ସମୟରେ ଅନେକ ଧାର୍ମିକ ସମ୍ପ୍ରଦାୟ ଦେଖିବାକୁ ମିଳୁଛି ବିଶ୍ୱବ୍ୟାପୀ। ଭାରତରେ ସବୁଠାରୁ ଅଧିକ ଭିନ୍ନ ଭିନ୍ନ ସମ୍ପ୍ରଦାୟ ରହିଥିବା ବେଳେ ଅନ୍ୟାନ୍ୟ ଦେଶଗୁଡ଼ିକରେ ତାହାର ବିଭାଜନ ଖୁବ୍ କମ୍। ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ନିରାକାର ଏମିତି ବିଭିନ୍ନତା ମଧ୍ୟରେ ଭିନ୍ନ ଭିନ୍ନ କୌଶଳ ପ୍ରୟୋଗ କରି ସମସ୍ତଙ୍କ ଲକ୍ଷ ଏକ ରଖିଥାନ୍ତି କାହିଁକି ଯାହା ସର୍ବଗ୍ରହଣୀୟ ହୋଇଥାଏ?! ଏହା ବାସ୍ତବରେ କୌଣସି ଅଲୌକିକ ନିରାକାରଙ୍କ ପ୍ରେରିତ ବ୍ୟବସ୍ଥା ନା ଭିଭିନ୍ନ ସମୟରେ ସୁଯୋଗ ସୃଷ୍ଟି କରି କେତେକ ଚତୁର ମଣିଷ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ନିର୍ବୋଧଙ୍କୁ ଠକି ସ୍ୱାର୍ଥ ହାସଲ କରୁଛନ୍ତି?!

ଯାହାହେଉ ଯିଏ ଯେଉଁ ରାସ୍ତାରେ ଅଗ୍ରଗାମୀ ତାହା ସେମାନଙ୍କ ବ୍ୟକ୍ତିଗତ ବିଚାରଧାରାର ପ୍ରତିଫଳନ। କାହାର ବ୍ୟକ୍ତିଗତ ବିଚାରଧାରାକୁ କୁଠାରାଘାତ କରିବା ଅଧିକାର କାହାର ହେଲେନାହିଁ। ପ୍ରତ୍ୟେକ ମଣିଷ ଯଦି ନିଜର ବିଚାରଧାରକୁ ସନ୍ତୁଳିତ କରି ସତ୍ୟର ଉନ୍ମୋଚନ ପାଇଁ ଚେଷ୍ଟା ନକରି ସମାଜରେ ପ୍ରଚାରିତ, ପ୍ରସାରିତ ଚିରାଚରିତ ବିଚାରଧାରାକୁ ନିର୍ବିଘ୍ନରେ ସର୍ବଶେଷ ଭାବେ ନିର୍ଣ୍ଣୟ କରି ସେସବୁ ନିଜ ଜୀବନ ଶୈଳୀ ସହିତ ସଂଯୋଜିତ କରିବା ଲକ୍ଷ ରଖିବେ ସେମାନଙ୍କୁ କୌଣସି ଚାପ ପ୍ରୟୋଗ ପୂର୍ବକ ପରିବର୍ତ୍ତନ କରିବା ସମ୍ଭବ ନୁହେଁ। ସେମାନେ ନିଜର ବିଚାରଧାରାକୁ ପରିବର୍ତ୍ତନ କରିବା ପାଇଁ ନିଜସ୍ୱ ଆଗ୍ରହ ପ୍ରକାଶ କରନ୍ତେ ସତ୍ୟର ଉନ୍ମୋଚନ କରିପାରିବେ ଯାହା ନକରି କେବଳ ସହଜ ଉପାୟରେ ନିରାକାରଙ୍କ ସାନିଧ ଲାଭ କରିବା ଲକ୍ଷ ରଖିଥିବା ମଣିଷଙ୍କ ବିଶେଷତ୍ୱ ଭିନ୍ନ! ଗୋଟିଏ ନିରାଟ ସତ୍ୟକୁ ବୁଝିବାକୁ ହେବଯେ ଆଲୋଚ୍ୟ ବିଷୟର ତିନୋଟି ଉପାଦାନ ମଧ୍ୟରୁ ଯଦି କୌଣସି ଗୋଟିଏ ସତ୍ୟ ସାବ୍ୟସ୍ତ ହୁଏ ତାହେଲେ ତିନୋଟିଯାକ ସତ୍ୟ ଏବଂ ଗୋଟିଏ ମିଥ୍ୟା ସାବ୍ୟସ୍ତ ହେଲେ ତିନିଟିଯାକ ମିଥ୍ୟା ସୁନିଶ୍ଚିତ, କାରଣ ସେଗୁଡ଼ିକର ଆଧାର ଗୋଟିଏ ଦିଗରୁ ହିଁ ସୃଷ୍ଟି। ତେଣୁ ଯେଉଁମାନେ ସତ୍ୟକୁ ଉନ୍ମୋଚନ କରି ବାସ୍ତବତାକୁ ଆପଣେଇବାକୁ ଆଗ୍ରହୀ ହେବେ ସେମାନେ ନିଜ ଜୀବନକୁ ସରଳ, ସୁଗମ କରିପାରିବେ କେମିତି ପରବର୍ତ୍ତି ସପ୍ତାହ ଗୁଡ଼ିକରେ ପର୍ଯ୍ୟାୟ କ୍ରମେ ଆତ୍ମା, ପ୍ରତାତ୍ମା ଏବଂ ପରମାତ୍ମା ବିଷୟରେ ସମ୍ପୂର୍ଣ୍ଣ ଦାର୍ଶନିକ ଗବେଷଣାତ୍ମକ ତତ୍ତ୍ୱର ବାସ୍ତବବାଦୀ ବିଶ୍ଳେଷଣ ବର୍ଣ୍ଣନା କରାଯିବା ଲକ୍ଷ ରଖାଯାଇଥିବା ଆମ ବିଚାରରେ ଆପଣଙ୍କ ଆଗ୍ରହ ପ୍ରକାଶ କରିବେ ବୋଲି ଆଶା...!

**ପଙ୍କଜ କୁମାର ପାଣିଗ୍ରାହୀ**, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ, ଦୂରଭାଷ.: ୯୪୩୭୩୨୪୯୧୭

# ଖାଦ୍ୟ ନିରାପତା : ଆବଶ୍ୟକତା, ଉତ୍ପାଦନ ଓ ବଂଟନ

ବିପିନବିହାରୀ ମହାନ୍ତି

ପ୍ରତିବର୍ଷ ୧୬ ଅକ୍ଟୋବରରେ "ବିଶ୍ୱ ଖାଦ୍ୟ ଦିବସ" ପାଳିତ ହୁଏ। ଏହା ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ଖାଦ୍ୟ ନିରାପତ୍ତା କମିଟି ଦ୍ୱାରା ୧୯୮୩ ମସିହାରେ ପ୍ରସ୍ତାବକ୍ରମେ ପାଳିତ ହେଉଛି। ଏହାର ଉଦ୍ଦେଶ୍ୟ ସମସ୍ତଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା। ଆସନ୍ତୁ ବୁଝିବା ଖାଦ୍ୟ ନିରାପତ୍ତା କ'ଣ?

ନିରାପତ୍ତା କହିଲେ ଏକ ଆଶଙ୍କା, ବିପଦ କିମ୍ବା ଅଭାବ ରୋକିବା ପାଇଁ ଆବଶ୍ୟକ ପ୍ରସ୍ତୁତି ବା ପଦକ୍ଷେପ। ଏପ୍ରକାର ବ୍ୟବସ୍ଥା ନଥିଲେ ଆମେ ନିରାପଦ ନୋହୁଁ। ଏପ୍ରକାର ବ୍ୟବସ୍ଥାକୁ କୁହନ୍ତି ପୂର୍ବ ପ୍ରସ୍ତୁତି। ଏମିତିରେ ଯୁଦ୍ଧକୁ ପ୍ରତିହତ କରିବାରେ ସୈନିକ; ରୋଗପାଇଁ ସୁସ୍ଥ ଶରୀର, ଚିକିତ୍ସା ଓ ଔଷଧପତ୍ର; ନିଆଁ ପାଇଁ ପାଣି ଇତ୍ୟାଦି ନିରାପତ୍ତା ବ୍ୟବସ୍ଥା। ଯାହା ଖାଇ ଆମେ ସୁସ୍ଥ ଓ ନୀରୋଗ ଜୀବନ ବଂଚୁ, ତାହା ଖାଦ୍ୟ। ବିଶ୍ୱର ପ୍ରତିଟି ମଣିଷ; ସମ୍ରାଟ ଠାରୁ ଭିକାରୀ, ଅଭାବୀ ବା ଦୁର୍ଭିକ୍ଷ ଗ୍ରସ୍ତଙ୍କ ପାଇଁ ଭୋକିଲା କେଟରେ ମୁଠାଏ ଦାନା ଯୋଗାଇ ଦେବାହିଁ ଖାଦ୍ୟ ନିରାପତ୍ତା। ଖାଦ୍ୟାଭାବ ହିଁ ବିଶ୍ୱଚିନ୍ତା। ଏ ଚିନ୍ତା ଆଦିମ ଯୁଗରୁ ଆରମ୍ଭ କରି ଏଯାବତ୍ ଅଛି।

ଖାଦ୍ୟ ନିରାପତ୍ତା ନେଇ ଚିନ୍ତା ୧୯୭୦ ଦଶକରୁ ଆରମ୍ଭ ହୋଇଛି ବୋଲି ଧରି ନେବାକୁ ହେବ। ତେବେ ସେତେବେଳେ ନିରାପତ୍ତାର ଅର୍ଥ ଯାହାଥିଲା, ପରବର୍ତ୍ତୀ ସମୟରେ ଏହାର ସଂଗ୍ୟା ପରିବର୍ତ୍ତନ ହେବାରେ ଲାଗିଛି। ମିଳିତଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଆନୁକୂଲ୍ୟରେ ୧୯୭୪ ମସିହାରେ ରୋମ୍‌ଠାରେ ଆୟୋଜିତ ବିଶ୍ୱଖାଦ୍ୟ ସମ୍ମିଳନୀ ଘୋଷଣା ନାମାରେ କୁହାଯାଇଥିଲା ଯେ:ପୃଥିବୀର କୌଣସି ଦେଶର ପିଲା, ବୟସ୍କ ପୁରୁଷ ବା ମହିଳା ଭୋକ ଉପାସରେ ରହିବା ଅନୁଚିତ୍। ଅଖାଦ୍ୟ ବା ଅପପୁଷ୍ଟି କାରଣରୁ ମନୁଷ୍ୟର ଶାରୀରିକ ଓ ମାନସିକ ସ୍ଥିତିରେ ଯେପରି ହ୍ରାସ ନପାଏ, ସେଥିପ୍ରତି ଧ୍ୟାନଦେବା ଉଚିତ୍। ୧୯୭୯ରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ରିପୋର୍ଟରେ ଖାଦ୍ୟ ନିରାପତ୍ତା ସଂପର୍କରେ କୁହାଯାଇଛି ଯେ, ଚାହିଦା ଅନୁଯାୟୀ ଖାଦ୍ୟ ଯୋଗାଣ ଏବଂ ଅନ୍ତର୍ଜାତୀୟ ବଜାରରେ ସ୍ଥାୟୀ ଓ ନିଶ୍ଚିତ ଯୋଗାଣକୁ ଖାଦ୍ୟ ନିରାପତ୍ତା ବୋଲି କୁହାଯିବ ବା କୁହାଗଲା। ପୁଣି ଖାଦ୍ୟ ଓ କୃଷି ସଂଗଠନର ବିଶ୍ୱ ଖାଦ୍ୟନିରାପତ୍ତା କମିଟି ୧୯୮୩ ମସିହାରେ ଏକ ଅଲଗା ସଂଜ୍ଞା ସୃଷ୍ଟିକଲେ ଯାହାର ଲକ୍ଷ୍ୟ ହେଲା: ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟର ଯୋଗାଣ ଓ ଉପଲବ୍ଧତାକୁ ସୁନିଶ୍ଚିତ କରିବା; ଖାଦ୍ୟ ଯୋଗାଣ ଓ



ଉପଲବ୍ଧତାରେ ସ୍ଥିରତା ବଜାୟ ରଖିବା ଏବଂ ସମସ୍ତ ଲୋକଙ୍କ ପାଇଁ ଉପଲବ୍ଧର ଖାଦ୍ୟର ସହଜ ପ୍ରାପ୍ତିକୁ ସୁନିଶ୍ଚିତ କରିବା। ଅର୍ଥାତ୍ ସମସ୍ତ ବ୍ୟକ୍ତିଙ୍କ ପାଇଁ ସୁସ୍ଥ ଜୀବନଯାପନରେ ଆବଶ୍ୟକ ଖାଦ୍ୟର ସହଜ ପ୍ରାପ୍ତିକୁ ସୁନିଶ୍ଚିତ କରିବାକୁ ଖାଦ୍ୟ ନିରାପତ୍ତା କୁହନ୍ତି। ୧୯୮୬ ମସିହାରେ ବିଶ୍ୱ ବ୍ୟାଙ୍କର 'ଦାରିଦ୍ର୍ୟ ଓ କ୍ଷୁଧା' ସନ୍ଦର୍ଭରେ ଖାଦ୍ୟ ନିରାପତ୍ତା ସଂଜ୍ଞ୍ୟାରେ କ୍ରିୟାଶୀଳତା କଥାକୁ ସାମିଲ୍ କରାଗଲା। ଏହିମତେ ସର୍ବଦା ସମସ୍ତ ଜନସାଧାରଣଙ୍କ ସୁସ୍ଥ ଓ କ୍ରିୟାଶୀଳ ଜୀବନପାଇଁ ପର୍ଯ୍ୟାପ୍ତ ପରିମାଣ ଖାଦ୍ୟର ସହଜ ପ୍ରାପ୍ତିକୁ ଖାଦ୍ୟ ନିରାପତ୍ତା କୁହାଯାଏ। ଏହା ହେଲା ଆନ୍ତର୍ଜାତିକ ସ୍ତରରେ ନିରୂପଣ କରାଯାଇଥିବା ଖାଦ୍ୟ ନିରାପତ୍ତାର କିଛି ସଂଜ୍ଞା।

ସୁସ୍ଥ ଭାବରେ ବଞ୍ଚି ରହିବା ପାଇଁ ଖାଦ୍ୟ ଏବଂ ଖାଦ୍ୟ ନିରାପତ୍ତା ନିହାତି ଆବଶ୍ୟକ। ଖାଦ୍ୟ ବା ଆହାର ବଂଚି ରହିବାର ତିନୋଟି ମୌଳିକ ଆବଶ୍ୟକତା ମଧ୍ୟରୁ ପ୍ରଧାନ ଅଙ୍ଗ। ପିଠିକୁ କନା ଓ ମୁଣ୍ଡକୁ ଗୁଞ୍ଜିବାରେ ବାସ ପର କଥା। ଜୀବନ ଥିଲେ ତ' ସେ ପ୍ରଶ୍ନ ଉଠୁଛି। ଖାଦ୍ୟ ବିନା କି ଶରୀର। କି ଜୀବନ!!

ଖାଦ୍ୟରୁ ବଂଚିତ କୌଣସି ବ୍ୟକ୍ତି, ଗୋଷ୍ଠୀ ବା ସଂପ୍ରଦାୟ ପାଇଁ ମୁକ୍ତି ଓ ସ୍ୱାଧୀନତା ପରି ରାଜ ନୈତିକ, ସାମାଜିକ ଓ ସାଂସ୍କୃତିକ ଲକ୍ଷ୍ୟ ହାସଲ କରିବା ନିଶ୍ଚିତ ଭାବେ ଅସମ୍ଭବ। ଯିଏ ପେଟପାଇଁ ହାତ ପତାଏ, ସିଏ ଗୋଟେ କ୍ରୀତଦାସ ବା କୀତଦାସ ହେବାରେ ପ୍ରଚେଷ୍ଟା କରେ ବୋଲି ଜାଣ। ଏଣୁ ଖାଦ୍ୟ ଅଧିକାର ନଥିଲେ; ସମାଜରେ ବା କୋଉ ଦେଶର ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ନିରାପତ୍ତା ନଥିଲେ, ବଂଚିବାର ଅଧିକାର ହୁଏ ଅର୍ଥହୀନ।

ବଂଚିବାକୁ ଖାଦ୍ୟର ଆବଶ୍ୟକତା ଜରୁରୀ, ଏହା ନିଶ୍ଚିତ। ଖାଦ୍ୟ ଭିତରେ ମୁଖ୍ୟ ଖାଦ୍ୟ ହେଲା, 'ଶସ୍ୟ'। ଏହାବ୍ୟତୀତ ପନିପରିବା, ମାଛ ଓ ମାଂସ କଥା ଅଛି। ଖାଦ୍ୟର ଉତ୍ପାଦନ ଉପରେ ଯୋଗାଣ ଓ ବଣ୍ଟନ ନିର୍ଭର କରେ। କୌଣସି ବ୍ୟକ୍ତି ବା ଦେଶ ତା' ଉତ୍ପାଦନରେ ଉଦ୍‌ବୃତ୍ତ ଉତ୍ପନ୍ନ ନକଲେ, ସେବିକ୍ରି ବା ଯୋଗାଣ କରିବ କାହିଁକି? ନିଜକୁ ଭୋକିଲା ରଖି, କେତେଜଣ ବା କେତେ ଦେଶ ଆଉ କାହାକୁ ବଞ୍ଚାନ୍ତି? ଯଦି ବି ସମ୍ଭବ, କେତେଦିନ? ନିଜେ ବଂଚି ଅନ୍ୟକୁ ବଂଚାଇବା ପ୍ରକୃତି ପନ୍ଥା, ଏଣୁ ଉତ୍ପାଦନରେ ବୃଦ୍ଧି ଏବଂ ପ୍ରତିଦେଶକୁ ଖାଦ୍ୟ ନିରାପତ୍ତାରେ ସ୍ୱୟଂସଂପୂର୍ଣ୍ଣ କରିବା ନିମନ୍ତେ ତଥା ଏକ ଦୀର୍ଘସ୍ଥାୟୀ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ପାଇଁ ୧୯୭୪ର ବିଶ୍ୱଖାଦ୍ୟ ସମ୍ମିଳନୀ, ୧୯୯୦ର ଶିଶୁ ସଂପର୍କିତ ଶୀର୍ଷ ସମ୍ମିଳନୀ ୧୯୯୫ରେ ସାମାଜିକ ବିକାଶ ସଂପର୍କିତ କୋପର ହେଗେନ୍ ଶୀର୍ଷ ସମିଳନୀ ଏବଂ ୧୯୯୬ର ରୋମଖାଦ୍ୟ ଶୀର୍ଷ ସମ୍ମିଳନୀ ଇଦ୍ୟାଦି ଖାଦ୍ୟ ନିରାପତ୍ତା ପାଇଁ ଉତ୍ପାଦନ ଅର୍ଥରେ ଯାହା କରିଛନ୍ତି, ତା'ର ଅର୍ଥ ହେଲା: ପରିବେଶ ଓ ପରିବେଷ୍ଟନୀର ସୁରକ୍ଷା, କୃଷି କ୍ଷେତ୍ରରେ ସର୍ବାଧିକ ପୁଞ୍ଜି ଲଗାଣ, ଏଥିପାଇଁ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ; ଦାରିଦ୍ୟ ଓ ଆସମାନତାଦୂର କରିବା ନିମନ୍ତେ ରାଜନୈତିକ ସର୍ତ୍ତ ଓ ସଂକଳ୍ପ ଏବଂ ଏକ ନ୍ୟାୟସଂଗତ ତଥା ବଜାରଭିତ୍ତିକ ବିଶ୍ୱବାଣିଜ୍ୟ ବ୍ୟବସ୍ଥା କରିବା। ଏସବୁର ମାନେ ଉତ୍ପାଦନ ପାଇଁ ମାନବ ସମ୍ବଳ କଳ, ବଳ ଓ କୌଶଳ ବିଦ୍ୟା ପ୍ରୟୋଗ କରି କୃଷି ଉତ୍ପାଦନ କାରକ ପାଇଁ ଗୁରୁତ୍ୱ ଦିଆଯିବା ଉଚିତ।

ଏ କଥା ମଧ୍ୟ ସୂଚାଇ ଦେଉ ଯେ, ଉତ୍ପାଦନ ଥିଲେ ଖାଦ୍ୟ ଯୋଗାଣ ଓ ସହଜ ପ୍ରାପ୍ତିକରଣ ସମ୍ଭବ ହୋଇପାରେ। ତେବେ ଯେଉଁଠି ଭୋକ୍ତାର କ୍ରୟ କରିବା ସାମର୍ଥ୍ୟ ନଥିବ, ଯେଉଁ ଅପହଞ୍ଚ ଇଲାକାକୁ ରାସ୍ତାଘାଟ ନଥିବ ଅର୍ଥାତ୍ ସହଜ ଯୋଗାଣ ବ୍ୟବସ୍ଥା ନଥିବ, ସେଠି କରାଯିବ କ'ଣ? ଯାହାର ଶ୍ରମ ବିନିମୟରେ ପାଇବାର ସାମର୍ଥ୍ୟ ନ ଥିବ, ସେ କରିବ କ'ଣ? ତାହେଲେ ଆମେ କ'ଣ କ୍ଷୁଧାମୁକ୍ତ ବିଶ୍ୱଟିଏ ଗଢ଼ିପାରିବା? ଅବଶ୍ୟ ଏବେ ଖାଦ୍ୟ ନିରାପତ୍ତା ନିମନ୍ତେ ବିଭିନ୍ନ ଦେଶରେ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥା ଅଛି। ଅଭାବୀମାନଙ୍କ ପାଇଁ ପଡ଼ିକାର୍ଡ଼ ମାଧ୍ୟମରେ ଖାଦ୍ୟ ସାମଗ୍ରୀ ଦିଆଯାଉଛି। ମାତ୍ର ଟଙ୍କାଟିଏ ସରକାର ପଠାଇଲେ, ଖାଉଟି ପାଉଛି ୧୩ ପଇସାର। ଟଙ୍କାଏ ପାଇଁ ଖର୍ଚ୍ଚ ହେଉଛି ଟ.୪.୫୦। ନ ଥିଲାବାଲାଠୁ ଅଧିକ ପାଆନ୍ତି ଥିଲାବାଲା। କଣ୍ଟ୍ରୋଲ୍ ବିକ୍ରି ହୁଏ ବଜାରରେ, ଖୋଲାରେ, ଚାଲିଛି ଶୋଷଣ ଓ ବାଟମାରଣ। ପଡ଼ିକାର୍ଡ଼ ପଡୁଛି ବନ୍ଧା। ଏକଥା ଦେଖୁଛି କିଏ? ବିଚାରୁଛନ୍ତି କିଏ? ଏଥିକୁ ସରକାର ଓ ଭୋକ୍ତା ସଚେତନ ରହିବା ଜରୁରୀ। ଖାଦ୍ୟ ନିରାପତ୍ତା ପ୍ରତିଟି ପରିବାରରୁ ଆରମ୍ଭ କରି ବିଶ୍ୱପାଇଁ ଲମ୍ୱିଛି। ଏଠି ଜଣେ ବ୍ୟକ୍ତି ଯଦି ଭୋକିଲା ରୁହେ, ଆମ ପ୍ରତିଜ୍ଞା, ସବୁ ପ୍ରଚେଷ୍ଟା ଓ ନିୟମ ସତ୍ତ୍ୱେ, ଅସଫଳ ବୋଲି ନିଶ୍ଚିତ କୁହାଯିବ।

***-ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ: ୯୯୩୮୩୪୪୧୩୮***

# ଜୟ କିଶାନ୍ ,ଖାଲି ସ୍ଲୋଗାନ୍ !



ଭାରତ ଏକ କୃଷିପ୍ରଧାନ ଦେଶ। ଜୀବିକାର୍ଜନ ପାଇଁ, ଏହି ଦେଶର ହାରାହାରୀ ୭୦ ଭାଗ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ କୃଷି କାର୍ଯ୍ୟରେ ଜଡିତ। ସିଧାସଳଖ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥବା ବ୍ୟକ୍ତିଙ୍କ ଅପେକ୍ଷା, କୃଷିଜାତ ଦ୍ରବ୍ୟର ବ୍ୟବସାୟ କରୁଥିବା ଏବଂ କୃଷି ସଂପର୍କିତ ଶିଳ୍ପ ଯଥା କୃଷି ଯନ୍ତ୍ରପାତି, ରାସାୟନିକ ସାର, ପୋକମରା ଔଷଧ ଶିଳ୍ପରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବହୁତ ଅଧିକ। ଜଣେ ଲୋକ ଯେତେବେଳେ ନିଜକୁ ଅସହାୟ ବୋଧକରେ ଏବଂ ନୈରାଶ୍ୟ ର ଶିଖରରେ ଉପନୀତ ହୁଏ, ସେତେବେଳେ ଆତ୍ମହତ୍ୟା ପରି ଦୃଢ ଏବଂ ଚରମ ନିଷ୍ପତି ଗ୍ରହଣ କରିବାକୁ ବାଧ୍ୟ ହୁଏ। ଚାଷୀଟିର ଆତ୍ମହତ୍ୟା ନିମନ୍ତେ ଅନେକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କାରଣ ଜଡିତ। ସର୍ବପ୍ରଥମେ ଯେତେବେଳେ ଚାଷୀଟି ଅନୁଭବ କରେ ତା'ର ପରିଶ୍ରମ ଏବଂ ବ୍ୟୟ ତୁଳନାରେ ଉତ୍ପାଦନ ହ୍ରାସ ପାଇଯାଉଛି,ଏବଂ କୃଷିକାର୍ଯ୍ୟ ନିମନ୍ତେ କରିଥିବା ଋଣ ସହଜରେ ପରିଶୋଧ କରିପାରିବ ନାହିଁ, ସେତେବେଳେ ସେ ଏପରି ପଦକ୍ଷେପ ଗ୍ରହଣ କରେ। ସରକାର କୃଷକ ମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ,ତାହାର ସୁଫଳ ସେମାନଙ୍କ ପାଖରେ ଅପହଂଚ। ଏଥିନିମନ୍ତେ କୃଷକମାନଙ୍କର ଅଜ୍ଞତା, ଦଲାଲୀମାନଙ୍କର ହସ୍ତକ୍ଷେପ ତଥା ସରକାରୀ କର୍ମଚାରୀଙ୍କ ଉଦାସୀନତା ଓ ଦୁର୍ନୀତିଖୋର ମନୋଭାବ ହିଁ ମୁଖ୍ୟ କାରଣ। ଯଦି ସରକାରଙ୍କ ଦ୍ୱାରା ପ୍ରବର୍ତିତ ଯୋଜନାଗୁଡିକ ସଠିକ୍ କାର୍ଯ୍ୟକାରୀ ହୋଇପାରନ୍ତା, ତେବେ କୃଷକମାନଙ୍କର ଆର୍ଥିକ ମାନଦଣ୍ଡ ହୁଏତ ଅନେକାଂଶରେ ଉନ୍ନତ ହୋଇପାରନ୍ତା। ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ, ନିମ୍ନ କୃଷି ଉତ୍ପାଦନ ଏବଂ ଋଣ ଶୁଝିବାର ଅସାମର୍ଥ୍ୟତା ହିଁ ମୁଖ୍ୟ କାରଣ ରୂପେ ପରିଗଣିତ। ନିମ୍ନ କୃଷି ଉତ୍ପାଦନର କାରଣ ଗୁଡିକ ହେଲା- (୧) ପରିବର୍ତିତ ପାଣିପାଗ, (୨) ପ୍ରାକୃତିକ ବିପର୍ଯ୍ୟୟ, (୩) ଆର୍ଥିକ ଦୁରବସ୍ଥା ଯୋଗୁ ସଠିକ୍ ପରିମାଣର ସାର ଏବଂ କୀଟନାଶକ ପ୍ରୟୋଗ ନକରିବା, (୪)ସଠିକ୍ ବିହନ ଚୟନ ନକରିବା, (୫) ଚାଷଜମିର ଉର୍ବରତା ହ୍ରାସ ଏବଂ (୬) ଉନ୍ନତ ପ୍ରଣାଳୀରେ କୃଷିକାର୍ଯ୍ୟ ନିମନ୍ତେ କୃଷକ ନିକଟରେ ଆଧୁନିକ ଜ୍ଞାନ କୌଶଳର ଅଭାବ ଇତ୍ୟାଦି। ଯାହାକିଛି ଉତ୍ପାଦନ ହେଲା, ସେଗୁଡିକରୁ ମଧ୍ୟ କୃଷକ ଠିକ୍ ଭାବରେ ଅର୍ଥ ଆୟ କରିପାରନ୍ତି ନାହିଁ। ତା'ର କାରଣଗୁଡିକ ହେଲା, (୧)ଅନିୟନ୍ତ୍ରିତ ବଜାର, (୨) ସଂରକ୍ଷଣର ସମସ୍ୟା, (୩) ବ୍ୟବସାୟୀମାନଙ୍କର ଏକଚାଟିଆ ହସ୍ତକ୍ଷେପ, (୪) କୃଷି ସହାୟକ ସାମଗ୍ରୀ ଯଥା: ବିହନ, ସାର ଓ ଔଷଧର ଅହେତୁକ ମୂଲ୍ୟ ବୃଦ୍ଧି, (୫) ମହାଜନଠାରୁ ଉଚ୍ଚ ସୁଧରେ ଆଣିଥିବା ଋଣର ପରିଶୋଧ, (୬) ଜମିମାଲିକଠାରୁ ଭାଗ ସୂତ୍ରରେ ଆଣିଥିବା ଜମିର ଦେୟ ପ୍ରଦାନ ଇତ୍ୟାଦି। ରୁଗଣ୍ ସରକାରୀ ଯୋଜନା, ସବସିଡି ଅର୍ଥ ବାଟମାରଣା, ପାରିବାରିକ ସମସ୍ୟା, ଅତ୍ୟଧିକ ମାନସିକ ଚାପ ଇତ୍ୟାଦି ମଧ୍ୟ ଆତ୍ମହତ୍ୟାର ଅନ୍ୟତମ କାରଣ। ଉପରୋକ୍ତ ଆଲୋଚ୍ୟ ତଥ୍ୟଗୁଡିକ କୃଷକର ପ୍ରକୃତରେ ବାସ୍ତବ ସମସ୍ୟା। ଭାରତରେ କୀଟନାଶକ ପାନ ଜନିତ ଚାଷୀ ଆତ୍ମହତ୍ୟା ଏକ ଜାତୀୟ ବିପତି ରୂପେ ପରିଗଣିତ ହେଉଅଛି। ୨୦୧୪ରେ ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ, କେବଳ ମହାରାଷ୍ଟ୍ରରେ ଦୈନିକ ହାରାହାରୀ ଦଶଜଣ ହିସାବରେ ସମୁଦାୟ ଷାଠିଏ ହଜାର କୃଷକ ଆତ୍ମହତ୍ୟା କରିଛନ୍ତି। ଭାରତର ନ୍ୟାସନାଲ କ୍ରାଇମ ରେକର୍ଡସ ବ୍ୟୁରୋର ତଥ୍ୟାନୁଯାୟୀ ୧୯୯୫ରୁ ୨୦୧୩ ସୁଦ୍ଧା ଦେଶରେ ୨,୯୬.୪୩୮ ଜଣ କୃଷକ ଆତ୍ମହତ୍ୟା କରିଛନ୍ତି। ଭାରତରେ ସମୁଦାୟ ଆତ୍ମହତ୍ୟାର ୧୧.୨ ଭାଗ ହେଉଛି ଚାଷୀ ଆତ୍ମହତ୍ୟା। ଆମକୁ ଆହାର ଯୋଗାଉଥିବା ଚାଷୀ, ଆଜି ସରକାରଙ୍କ ପ୍ରବର୍ତିତ ନୂତନ କୃଷି ଆଇନ ବିରୁଦ୍ଧରେ ରାଜରାସ୍ତାରେ ଆନ୍ଦୋଳନରତ। ନୂତନ କୃଷି ଆଇନ କୃଷକମାନଙ୍କୁ କେତେ ସହାୟକ ହେବ? ଏହାଦ୍ୱାରା ସେମାନେ ଲାଭବାନ୍ ହେବେ କି ନାହିଁ? ସରକାରଙ୍କ ପ୍ରତିନିଧି, କୃଷକମାନଙ୍କୁ ଏ ବାବଦରେ କେତେଦୂର ବୋଧଗମ୍ୟ କରାଇଛନ୍ତି? ନିରୀହ କୃଷକମାନେ ପ୍ରକୃତରେ ଏ ଆଇନର ହାନିକାରକ ଦିଗକୁ ବୁଝିଛନ୍ତି ବା କାହାଦ୍ୱାରା ଭ୍ରମାତ୍ମକ ତଥ୍ୟ ପ୍ରାପ୍ତ ହୋଇ ବାଟବଣା ହେଉଛନ୍ତି? ତାହା ଆଜିର ବିଚାର୍ଯ୍ୟ ବିଷୟ। ସରକାର ଏଯାବତ୍ କୃଷକମାନଙ୍କ ପାଇଁ କୌଣସି ଆଖିଦୃଷ୍ଟିଆ ଯୋଜନା ପ୍ରଣୟନ କରିପାରିନାହାନ୍ତି କିମ୍ବା ପ୍ରଣିତ ଯୋଜନାଗୁଡିକର ସୁଫଳ ସେମାନଙ୍କ ପାଖରେ ପହଂଚାଇ ପାରିନାହାନ୍ତି, ଏହା ନିରାଟ ସତ୍ୟ। ଯଦି ସରକାର ଚାଷୀମାନଙ୍କ ନିମନ୍ତେ ଆନ୍ତରିକତାର ସହିତ, କେତେଗୁଡିଏ ନ୍ୟୁନତମ ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରନ୍ତେ, ତେବେ ଚାଷୀ ଆତ୍ମହତ୍ୟାକୁ ଅନେକାଂଶରେ ରୋକାଯାଇପାରନ୍ତା।

ସେଗୁଡିକ ହେଲା- (୧) ବ୍ୟାପକ ଜଳସେଚନ ବ୍ୟବସ୍ଥାର ସୁବିଧା ପ୍ରଦାନ। (୨) ସାଧାରଣତଃ ଚାଷୀଟିଏ ମୌସୁମୀ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାଏ, ଯେଉଁଥିପାଇଁ ତାକୁ ଶ୍ରମ କିମ୍ବା ଅର୍ଥ ବ୍ୟୟ କରିବାକୁ ପଡେନାହିଁ। କିନ୍ତୁ କୃତ୍ରିମ ଜଳସେଚନ ନିମନ୍ତେ ଶ୍ରମ ଓ ଅର୍ଥ ଉଭୟ ଆବଶ୍ୟକ। ତେଣୁ ସରକାର ଉଠାଜଳସେଚନ ପାଇଁ ନିଃଶୁଳ୍କ ବିଦ୍ୟୁତ ବ୍ୟବହାରର ବ୍ୟବସ୍ଥା କରାଇବା ଦରକାର। (୩) କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକ ଅର୍ଥ କମ୍ ସୁଧରେ କିମ୍ବା ବିନା ସୁଧରେ ଯୋଗାଇଦେବା ଦରକାର। (୪) କୃଷି ନିମନ୍ତେ ବ୍ୟାଙ୍କ ଋଣପ୍ରଦାନରେ କୋହଳ ନିୟମ ପ୍ରଣୟନ ଆବଶ୍ୟକ। (୫) ଫସଲହାନୀ ନିମନ୍ତେ ବାଧ୍ୟତାମୂଳକ କୃଷିବୀମା କରାଇବା ଦରକାର। (୬) ଶସ୍ୟ ସଂରକ୍ଷଣ ପାଇଁ ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ। (୭) ଲାଭଖୋର ବ୍ୟବସାୟୀଙ୍କ କବଳରୁ ରକ୍ଷାପାଇବା ପାଇଁ ନିୟନ୍ତ୍ରିତ ବଜାର ସୃଷ୍ଟି। (୮)ପାରମ୍ପରିକ ଶସ୍ୟ ବ୍ୟତୀତ ଅନ୍ୟାନ୍ୟ ଅର୍ଥକାରୀ ଚାଷ ଯଥା-ପଶୁପାଳନ, ମତ୍ସ୍ୟଚାଷ, ଫୁଲଚାଷ, ମହୁଚାଷ, କୁକୁଡା ବତକ ଇତ୍ୟାଦି ପକ୍ଷୀ ପାଳନ, କୃଷି ସଂଲଗ୍ନ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା। (୯) ଆଧୁନିକ କୃଷି ପ୍ରଣାଳୀରେ ଚାଷ କରିବା ପାଇଁ ତାଲିମ ଇତ୍ୟାଦିକୁ ଅଗ୍ରାଧିକାର ଦେବା ଉଚିତ୍। (୧୦) ଯୁବକମାନଙ୍କୁ ଅଧିକରୁ ଅଧିକ ବୈଷୟିକ ଶିକ୍ଷା ପ୍ରଦାନର ସୁଯୋଗ ସୃଷ୍ଟିକରି, ସେମାନଙ୍କୁ ସରକାରୀ ନିଯୁକ୍ତି ପଛରେ ନଗୋଡାଇ, କୃଷିକାର୍ଯ୍ୟ ଦ୍ୱାରା ସ୍ୱାବଲମ୍ବୀ ହେବାର ମାନସିକତାରେ ବ୍ରତୀ କରାଇବା ଉଚିତ।

ଯେଉଁ ଅନ୍ନଦାତାମାନଙ୍କ ଶ୍ରମ ଫଳରେ ଆମେ କ୍ଷୁଧା ନିବାରଣ ପାଇଁ ସମର୍ଥ, ଯାହାଙ୍କର ନିଷ୍ଠା ଦ୍ୱାରା, ଆମେ ଖାଦ୍ୟଦ୍ରବ୍ୟରେ ସ୍ୱାବଲମ୍ବୀ, ସେମାନେ ଆଜି ଆର୍ଥିକ ଅନାଟନ ଯୋଗୁ ଆତ୍ମହତ୍ୟାପ୍ରବଣ। ସରକାର ତଥା ଜନସାଧାରଣ ସମସ୍ୟାର ଗାମ୍ଭୀର୍ଯ୍ୟତାକୁ ହୃଦୟଙ୍ଗମ କରି ଯଦି ସେମାନଙ୍କର ଉନ୍ନତିକଳ୍ପେ କିଛି ବିକଳ୍ପ ଚିନ୍ତା ନକରିବେ, ତେବେ ଭବିଷ୍ୟତରେ ପରିସ୍ଥିତିର ଭୟାବହତାକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେବା ଅବଶ୍ୟମ୍ଭାବୀ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

# "ନବୀନ ପଟ୍ଟନାୟକଙ୍କୁ ଭାରତରତ୍ନ"

ବିଜୁ ପଟ୍ଟନାୟକଙ୍କୁ ନହେଲା ନାହିଁ କମ୍ ସେ କମ୍ ନବୀନ ପଟ୍ଟନାୟକଙ୍କୁ ଭାରତରତ୍ନ ଦିଆଯାଉ। ଏକା କଥା। ନବୀନ ପଟ୍ଟନାୟକ ମଧ୍ୟ ଜାତି ପାଇଁ, ଦେଶ ପାଇଁ ବହୁତ କିଛି କରିଯାଇଛନ୍ତି, ତିନି ତିନିଥର ମୁଖ୍ୟମନ୍ତ୍ରୀ ନମ୍ବର ୱାନ। ବାତ୍ୟା, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସୁଚାରୁ ରୂପେ ପରିଚାଳନା କରି ଅନେକ ଜୀବନକୁ ମୃତ୍ୟୁମୁଖରୁ ବଂଚାଇ ପାରିଛନ୍ତି। ଏଥିପାଇଁ ବିଶ୍ୱସ୍ତରରେ ବି ପ୍ରଶଂସିତ ହୋଇଛନ୍ତି। କ୍ରୀଡା ତଥା ଖେଳକୁଦ ଦୃଷ୍ଟିରୁ ଓଡ଼ିଶା ହକି ତଥା ରଗ୍‌ବିର ପ୍ରାୟୋଜକ ରହିଛି। କ୍ରୀଡାର ବିକାଶ ନିମନ୍ତେ ଓଡ଼ିଶାରେ ଦୁଇ ଦୁଇଥର ହକି ବିଶ୍ୱକପ୍ ଆୟୋଜନ କରି ସଫଳତା ମଧ୍ୟ ଅର୍ଜନ କରିଛନ୍ତି। ଖେଳାଳୀଙ୍କୁ ପ୍ରୋତ୍ସାହନ ରାଶି ଦେଇ ଉତ୍ସାହିତ କରିଛନ୍ତି। ଏତିକି ହେଲା ସେ ଯାହା ବି କରୁଛନ୍ତି ସେଥିରେ ଆନ୍ତରିକତା ରହିଛି। ଓଡ଼ିଶା ପାଇଁ ଓ ଓଡ଼ିଶାବାସୀଙ୍କ ପାଇଁ ସେ ଜୀବନ ଦେବାକୁ ମଧ୍ୟ ପ୍ରସ୍ତୁତ। କାହିଁକି ନା ଓଡ଼ିଶାବାସୀଙ୍କୁ ନିଜ ପରିବାର ସଦସ୍ୟ ତୁଲ୍ୟ ମନେକରନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ରୋଲ୍ ମଡେଲ ସାଜିଛି ତାଙ୍କରି ଯୋଗୁଁ। ତାଙ୍କରି ମତରେ ଓଡ଼ିଶାବାସୀଙ୍କର ପ୍ରତ୍ୟେକଟି ଜୀବନ ତାଙ୍କ ପାଇଁ ଅତି ମୂଲ୍ୟବାନ। ତେଣୁ କୌଣସି କ୍ଷେତ୍ରରେ ଗୋଟିଏ ବି ଜୀବନ ହାନି ହେବାକୁ ଦେବେନାହିଁ। ଏଥିନିମନ୍ତେ ପ୍ରଶାସନିକ ସ୍ତରରେ କଡା ନିର୍ଦ୍ଦେଶନାମା ମଧ୍ୟ ଜାରି କରିଥାନ୍ତି। ନବୀନ ପଟ୍ଟନାୟକ ଭାରତରତ୍ନ ପାଇବା ପାଇଁ ଯୋଗ୍ୟ। କରୋନା ମୁକାବିଲାରେ ଓଡ଼ିଶା ନମ୍ବର ୱାନ। ଅନ୍ୟ ସମସ୍ତ ରାଜ୍ୟ ତଥା ଦେଶ ପାଇଁ ଓଡ଼ିଶା



ଆଦର୍ଶ। ଜାତିସଂଘ ତଥା WHO ମଧ୍ୟ ନବୀନଙ୍କର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଅନ୍ୟ ରାଷ୍ଟ୍ରମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଓଡ଼ିଶାକୁ ଅନୁକରଣ କରିବା ପାଇଁ। ଚାଷୀମାନଙ୍କ ପାଇଁ ନବୀନବାବୁ କେତେ କ'ଣ କରିଛନ୍ତି। ସେମାନଙ୍କର ହିତ ଉଦ୍ଦେଶ୍ୟରେ କାଳିଆ, ଅନ୍ୟାନ୍ୟ ଯୋଜନା ପ୍ରଣୟନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ସ୍ମାର୍ଟ କ୍ଲାସ ରୁମ୍‌ର ବ୍ୟବସ୍ଥା କରି ଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ଉନ୍ନତିର ତଥା ଦୃଢତର କରିଛନ୍ତି ନବୀନବାବୁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କରି କୌଣସି ବ୍ୟକ୍ତି ଯେପରି ଚିକିତ୍ସା ଅଭାବରୁ ନମରନ୍ତି ସେଥିପ୍ରତି ଧ୍ୟାନ ଦେଇଛନ୍ତି। ପୁରୁଷମାନଙ୍କ ପାଇଁ ୫ ଲକ୍ଷ ଓ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ବୀମାରାଶିର ସୁବିଧା କରିଛନ୍ତି। ଗରିବ ଶ୍ରମିକମାନଙ୍କ ପାଇଁ ବୀମା ରାଶି ସହ ମଜୁରୀ ବଢାଇଛନ୍ତି। କରୋନା ମୁକାବିଲାରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରରେ ତଥା ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି, ପ୍ରଶଂସାର ସୁଅ ଛୁଟିଛି ନବୀନବାବୁଙ୍କ ପ୍ରତି। କରୋନା ରୋଗୀମାନଙ୍କ ପ୍ରତି ସମ୍ବେଦନଶୀଳତା, ସେମାନଙ୍କର ଚିକିତ୍ସା ସୁବିଧା, ଆଜି କ୍ଷେତ୍ରରେ ଓଡ଼ିଶା ଆଗୁଆ ନବୀନବାବୁ ଦୃଢ ପଦକ୍ଷେପ ନେବା ଫଳରେ, ସଂକ୍ରମିତ ସଂଖ୍ୟା କମିବା ସାଙ୍ଗକୁ ମୃତ୍ୟୁସଂଖ୍ୟା ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍, ନଗଣ୍ୟ। କୃଷି କ୍ଷେତ୍ରରେ କ୍ଷତିପୂରଣ, ଜଳସେଚନ, ବୀମାର ସୁବିଧା ଆଦି କେତେ କ'ଣ କଣ କରିଛନ୍ତି ନବୀନବାବୁ। ରାସ୍ତାଘାଟର ଉନ୍ନତିକରଣ, ଦୁର୍ଗମ ଅଂଚଳକୁ ଯୋଗାଯୋଗର ବ୍ୟବସ୍ଥା ସାଙ୍ଗକୁ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ (ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାର) ହେବା କମ୍ ଗୌରବର କଥା ନୁହେଁ। ଯେତେ ପ୍ରଶଂସା କଲେ ବି କମ୍ ଗୌରବ ହେବ। ନବୀନବାବୁଙ୍କର ବିକଳ୍ପ କେହି ବି ନାହାଁନ୍ତି। ସେ କମ୍ କୁହନ୍ତି କମ୍ କାମ ବେଶି କରନ୍ତି। ସେ ଯାହାପ୍ରତି ଶ୍ରୁତି ଦେଇଥା'ନ୍ତି ତାହା କରିଥା'ନ୍ତି। ଯାହା କୁହନ୍ତି ତାହା କରିଥା'ନ୍ତି। ସ୍ୱୟଂ ସହାୟିକା (ମା' ମାନଙ୍କର) ଉନ୍ନତି ନିମନ୍ତେ କେତେ କ'ଣ କରିଛନ୍ତି। ମହିଳାମାନଙ୍କର ସଂରକ୍ଷଣ ନିମନ୍ତେ ସବୁକ୍ଷେତ୍ରରେ ୩୩ ପ୍ରତିଶତ ରଖି ଇତିହାସ ରଚିଛନ୍ତି। ସମସ୍ତଙ୍କୁ ଗୃହ ଯୋଗାଇବାର ରେକର୍ଡ କରିଛନ୍ତି। ପାଇଖାନା ଆଦି ଯୋଗାଇଛନ୍ତି ଗରିବଗୁରୁବା ପରିବାରକୁ। ଘର ଘରକୁ ପାନୀୟ ଜଳର ସୁବିଧା କରିଛନ୍ତି। ସର୍ବୋପରି ସମସ୍ତଙ୍କର ପେଟ ଚିହ୍ନିଛନ୍ତି ନବୀନବାବୁ। ସମସ୍ତଙ୍କର ମନକୁ ବୁଝିବାକୁ ଚେଷ୍ଟା କରିଛନ୍ତି ନବୀନବାବୁ। କରୋନାରେ ମୃତ୍ୟୁବରଣ କରିଥିବା ସମ୍ମୁଖ ଯୋଦ୍ଧାମାନଙ୍କୁ ଅର୍ଥରାଶି ପ୍ରଦାନ କରିଛନ୍ତି। ଦୁର୍ନୀତିକୁ ଆଦୌ କୌଣସି କ୍ଷେତ୍ରରେ ପ୍ରଶ୍ରୟ ଦେଇନାହାନ୍ତି ନବୀନବାବୁ। ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣାଧୀନ ରହିଛି। ଶିଶୁ ମାତୃ ମୃତ୍ୟୁ ହାର କମ୍ ରହିଛି। ଏପରି ସବୁ ଦେଖିବାକୁ ଗଲେ ନବୀନବାବୁ ଭାରତରତ୍ନ ପାଇବାକୁ ଯୋଗ୍ୟ। ତାଙ୍କୁ



ଭାରତରତ୍ନ ଦିଆଯାଉ। ବାପା ନହେଲା ନାହିଁ ପୁଅ ବି ପାଉ। କୌଣସି ଗୁଣରେ ନବୀନବାବୁ କମ୍ ନୁହଁନ୍ତି। ନବୀନବାବୁଙ୍କୁ ଭାରତରତ୍ନ ପ୍ରଦାନ କଲେ କାହାରି ଆପତି ନାହିଁ। ପ୍ରାୟ ସମସ୍ତେ ଖୁସି ହେବେ। କାହିଁକି ନା ସମସ୍ତଙ୍କର ଖୁସିରେ ସେ ଖୁସି। ଅନ୍ୟ ସମସ୍ତଙ୍କର ଖୁସି ପାଇଁ ଯାହା ବି କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ସବୁ ବିଭାଗରୁ ଏପରିକି ରାଜନୀତି କ୍ଷେତ୍ରରୁ ଦୁର୍ନୀତିକୁ ହଟାଇବାକୁ ଆପ୍ରାଣ ଉଦ୍ୟମ କରିଛନ୍ତି। ବନ୍ୟା ହେଉ ଅବା ବାତ୍ୟା ସବୁବେଳେ ନବୀନ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦେଇଆସିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାରଙ୍କ ମତରେ ନବୀନବାବୁ ଜଣେ ଜାତୀୟ ଚରିତ୍ର ତଥା ଜାତୀୟ ସମ୍ପତି ବୋଲି ଅଭିହିତ କରିଛନ୍ତି। ଏଥିରୁ ନବୀନ ବାବୁଙ୍କର ମହାନତା କଥା ଜଣାପଡେ। ସେ ଯେତେବେଳେ ରାଜନୀତିକୁ ଆସିଲେ ବିଜୁବାବୁଙ୍କ ସନ୍ତାନ ଭାବେ ଜଣଶୁଣା ଥିଲେ, ପରିଚୟ ଥିଲା ବିଜୁବାବୁଙ୍କର ପୁତ୍ର ଭାବେ। ଏବେ କିନ୍ତୁ ରାଜନୀତିରେ ତଥା ସମାଜରେ ତଥା ବିଶ୍ୱ ଦରବାରରେ ନିଜେ ନିଜର ସ୍ଥାନ ପକ୍କା କରି ନେଇଛନ୍ତି। ସେ ଓଡ଼ିଶାର ଶାସନ ଭାର ନେବାପରେ ଓଡିଶା ରାଜ୍ୟ ଭାଗ୍ୟର ଟର୍ନିଙ୍ଗ ପଏଂଟ ଘଟିଛି। ଆର୍ଥିକ ସୁଧାର ଆସିଛି। ବେରୋଜଗାର କମିଛି। ସେ ଅତ୍ୟନ୍ତ ସରଳ ଆମାୟିକ ତରଳ ହେଲେ ମଧ୍ୟ କିନ୍ତୁ ଆବଶ୍ୟକ ସ୍ଥଳେ କଠୋରରୁ କଠୋରତମ ନିଷ୍ପତି ନେଇପାରନ୍ତି। ସେ ସରଳବିଶ୍ୱାସୀ, ପରୋପକାରୀ। କାହାର ଆଖିର ଲୁହ ଦେଖି ସହ୍ୟ କରିପାରନ୍ତିନି ସେ। ତାଙ୍କର ହୃଦୟ ଅତ୍ୟନ୍ତ କୋମଳ। ସେ ଶାସନଭାର ନେବାପରେ ଲୋକମାନଙ୍କର ଜୀବନ-ଶୈଳୀରେ ଅନେକ ପରିବର୍ତନ ଘଟିଛି। ଆର୍ଥିକ ସୁଧାର ଆସିଛି। ଲୋକେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ସ୍ୱାସ୍ଥ୍ୟ ହେଉ, ଶିକ୍ଷା ହେଉ ଏକ ବଡ ଧରଣର ବୈପ୍ଳବିକ ପରିବର୍ତନ ଘଟିଛି। ସ୍ମାର୍ଟ କ୍ଲାସ ରୁମ୍ ଶିକ୍ଷା ସାଙ୍ଗକୁ ସ୍ମାର୍ଟ ହେଲଥ୍ କାର୍ଡ ବ୍ୟବସ୍ଥା ଜାତୀୟ ଇତିହାସରେ ପ୍ରଥମ। ସର୍ବୋପରି ନବୀନବାବୁ ଭାରତରତ୍ନ ପାଇବାକୁ ଯୋଗ୍ୟ, ତାଙ୍କୁ ଦିଆଯାଉ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ସାହିତ୍ୟ ଦର୍ପଣ



# ପ୍ରେମିକ ପଣ


ପାରମିତା ଷଡଙ୍ଗୀ

କାନ୍ଧରେ ପଡ଼ିଥିବା ଗାମୁଛାଟାକୁ ତଳେ ରଖିଦେଇ ବାଲି ଉପରେ ବସିଗଲା ରତ୍ନାକର। ଗାମୁଛା ଭିତରେ ଗୁଡ଼େଇ କରି ରଖିଥିଲା ବଂଶୀଟିକୁ । ଝାଡିଝୁଡି, ବଂଶୀଟିକୁ ଓଠରେ ଲଗାଇଲା ଓ ବଳିଗଲା ପ୍ରେମିକ ଟିରେ। ବଂଶୀର ସେ ସ୍ୱରରେ ଉନ୍ମାଦିନୀ ହୋଇ ଗଲା ତା' ପ୍ରେମିକା। ମାଡ଼ି ଆସିଲା ତା' ପାଖକୁ , ଛୁଇଁ ଗଲା ତା' ଶରୀରର କିଛି ଅଂଶକୁ । କାହିଁକି କେଜାଣି ସମୁଦ୍ରଟା ପାଗଳ କରେ ରତ୍ନାକରକୁ । ପ୍ରେମିକା ବନିଯାଏ , ଦୁଇ ବାହୁ ବଢାଇ ଡାକେ..... ସ୍ପଷ୍ଟ ଶୁଣି ପାରେ ସେ ତା' ନାଁକୁ । ଓହୋଃ ! କି ସୁନ୍ଦର ଏ ସମୁଦ୍ର ଟା, କି ମଧୁର ତା' ସ୍ୱର । ଦୂର ଦିଗ୍ ବଳୟ ଯାଏଁ ଲମ୍ବିଥିବା କେଶରାଶି ତାର । ରାତିରେ ବେଶି ଅଧୀର ହୁଏ ସେ । ରତ୍ନାକର ଜାଣେ , ଝୁରେ ଏ ସମୁଦ୍ରଟା ତା'କୁ ....ତା ବଂଶୀର ଧ୍ୱନିକୁ । ସେ ବି ପାଗଳ ହୋଇ ଚାଲି ଆସେ ଏଠିକୁ .... ବସିଯାଏ ବାଲି ଉପରେ...ବଜାଏ ବଂଶୀ । ଲହଡିଗୁଡ଼ାକ ମାନନ୍ତିନି କୂଳର ଅନୁଶାସନକୁ, ମାଡ଼ି ଆସନ୍ତି ରତ୍ନାକର ପାଖକୁ , ଛୁଇଁ ଯାଆନ୍ତି ତା'କୁ । ଏମିତି କଟି ଯାଉଥିଲା ରତ୍ନାକରର ରାତି .... ଦିନ....ଆଉ ଭଲ ପାଇବାର ପାଗଳ ପଣ । ଆସିଥିଲା ଥରେ ଗୋଟେ ଝଡ଼ ତୋଫାନର ରାତି । ପବନଟା ସାଇଁ ସାଇଁ କରି ଗର୍ଜୁ ଥିଲା । ବିଜୁଳିର ଭୟାନକ ଚ଼ମକ୍ । ଘଡଘଡିର ବିକଟାଳ ହସ । ସାଧାରଣ ବ୍ୟକ୍ତି ଡରି ଯାଇ ପଶି ଯାଇଥିଲେ ନିଜ ନିଜର ନୀଡ ଭିତରେ। ହେଲେ ରତ୍ନାକର ଅନୁଭବ କଲା ,ଏଇ ରାତିରେ ଅଧୀର ତା' ପ୍ରେମିକା । ତାର ଅଶାନ୍ତ ବକ୍ଷ ତଳ ଉପର ହେଉଥିଲା। ଏମିତି ରାଗିଗଲେ ଖୁବ୍ ସୁନ୍ଦର ଦିଶେ ତା' ପ୍ରେମିକା। ପ୍ରବଳ ଭାବରେ ଆକର୍ଷିତ କରେ ତା'କୁ । ଆଉ ଧୈର୍ଯ୍ୟ ନ ଥିଲା ରତ୍ନାକରର । ଯାହା ବି ହେଉ ଯିବାକୁ ପଡିବ । ବଂଶୀଟାକୁ ଗାମୁଛାରେ ଗୁଡ଼ାଇ ବାହାରି ଗଲା ସେ। ରତ୍ନାକରର ହିତାହିତ ଜ୍ଞାନ ନ ଥିଲା କି ଜ୍ଞାନ ଉଦୟ ହୋଇଥିଲା, କିଏ ଜାଣେ ! ସେ ଆକାଶକୁ ଦୃଷ୍ଟି ପକାଇଲା। ତାର ସମୁଦାୟ ଅସ୍ତିତ୍ୱ ସମୁଦ୍ରର ବାହୁ ଭିତରେ ଛନ୍ଦି ହେବାପାଇଁ ବିକଳ ଥିଲା। ସେ କୁନି ଡଙ୍ଗାଟି ସହ କାତଟି ଉଠାଇଲା। ସମସ୍ତ ଶକ୍ତିକୁ ଏକାଠି କରି ସମୁଦ୍ରର ଅଶାନ୍ତ ବାଲି ଉପରୁ କିଛି ଦୂର ଯାଏଁ ଠେଲି ଦେଇ ତା' ଉପରେ ବସିଗଲା। ଓଦା ବସ୍ତ୍ର ଭିତରୁ ଥଣ୍ଡାଟା ତା'କୁ ଆଖି ମିଟ୍ ମିଟ୍ କରି ଚାହିଁ ଥିଲା। ସେ ଶିହରିତ ହେଲା । ଡଙ୍ଗା ଉପରେ ଶୋଇ ପଡି ଆକାଶକୁ ଚାହିଁଲା । ସେ ଜାଣି ପାରିଲା ଉପରେ ଆକାଶଟା ଅଧୀର ତ ତଳେ ତା' ପ୍ରିୟତମା ବ୍ୟାକୁଳ। ସେ ବଂଶୀ ବଜାଇବା ଆରମ୍ଭ କରିଦେଲା । ସେ ଓ ସମୁଦ୍ର ଦୁହେଁ ଦୁହିଁଙ୍କୁ ଚାହିଁଥିଲେ । ତା' ଦେହକୁ ଉତ୍ତାଳ ମଦମସ୍ତ ଢେଉ ଗୁଡିକ ମଝିରେ ମଝିରେ ବିନ୍ଦୁ ବିନ୍ଦୁ କରି କରି ଛୁଇଁ ଯାଉଥିଲେ । ଆକାଶ ରୁ ଖସି ପଡୁଥିବା ବର୍ଷାର ତୀବ୍ର ଗତି କିଛି କ୍ଷଣ ପରେ ହାଲକା ଥମିଯାଇ ତା' ଶରୀରର କୋଠରୀ ଭିତରେ କିଛି ସମାପ୍ତିର ଗୋଟେ ଗୋଟେ ଲାଳସା ଲେସି ଦେଇ ଥିଲା । ସେ ପଡ଼ି ଥିଲା ସେଇ ଡଙ୍ଗାରେ ସେମିତି । କିଛି କ୍ଷଣ ବିତିଗଲା.... ଧିରେ ଧିରେ ସମୁଦ୍ରଟା ବି ଆକାଶ ସହ ଶାନ୍ତ ହୋଇଗଲା । ହାଲକା ବାଦଲ ଗୁଡିକ କଅଁଳିଆ ଖରା ସହ ଲୁଚ଼କାଳି ଖେଳ ଆରମ୍ଭ କରିଦେଇଥିଲେ। ଭୟଙ୍କର ବାତ୍ୟାର ଆଉ ଚିହ୍ନ ନ ଥିଲା । ସମୁଦ୍ରଟା ବି ପ୍ରେମିକା ପଣର ଚାଦରଟା ଘୋଡ଼ାଇ ଦୁଷ୍ଟ ଲହରୀମାନଙ୍କୁ ନେଇ ତା'କୁ ଚିଡାଇବାକୁ ଲାଗିଥିଲା । ରତ୍ନାକର ଜାଣିଥିଲା ସେ ଗୋଟେ ଦୁର୍ବଳ ଡଙ୍ଗାରେ ଥିଲା । ତା' ସାମନାରେ ଥିଲା ସୀମାହୀନ ସମୁଦ୍ର । ତଥାପି ସେ ଆମୋଦିତ ହେଲା । ତା' ପ୍ରେୟସୀକୁ ଆଞ୍ଜୁଳିରେ ଭରି ମୁହଁରେ ଲେସି ଦେଲା । ଆଃ, ! କି ତୃପ୍ତି । ସେ ଦୁଷ୍ଟ ଢେଉଗୁଡିକ ତା' ନୌକାକୁ କେମିତି ଗୋଟେ ନୃତ୍ୟ ସମ ଭଙ୍ଗୀରେ କୂଳକୁ ଧକ୍କା ମାରୁଥିଲେ । କିଛି ସମୟପରେ ଝୁଲି ଝୁଲି ତା' ନୌକାଟା କୂଳରେ ପହଞ୍ଚି ସାରିଥିଲା । ରତ୍ନାକର ଡଙ୍ଗାରୁ ଓହ୍ଲାଇ ଗଲା । ସେ ଓ ତା' ପ୍ରେମିକା ଦୁହେଁ ପାଖାପାଖି ଥିଲେ । ସେ ତା' ହାତରେ ସମୁଦ୍ରକୁ ଆଉଁସି ଦେଲା , କହିଲା, 'ତୁ ଯେତେ ବି ଗଭୀର ହୋଇ ତା' ପଛେ ମୋ ଭଲ ପାଇବା ତୋ ଠାରୁ ବେଶୀ ଗଭୀର । 'ମୁଁ ଜାଣିଥିଲି ' ସେ ଦିନୁ ସେ ଗୋଟେ ମତ୍ସ୍ୟକୁମାରରେ ବଦଳି ଯାଇଥିଲା ।

# ମିଷ୍ଟି ମିଶ୍ର : ଅପର୍ଣ୍ଣା ଲଜ୍ ରୁମ୍ ନମ୍ବର ୧୧୧


ବିପ୍ଳବ

ସୁଇପର ହାଡୁ ଆସି ନମସ୍କାର ହେଲା।

-ସାର୍, ଇନ କୁଏଷ୍ଟ କାମ ସରି ଗଲାଣି କ୍ଷ ଲାସ୍ ଏବେ ପୋଷ୍ଟ ମର୍ଟମ୍ ରୁମ୍ କୁ ଯିବ କ୍ଷ ଆଜି ଆପଣଙ୍କର ଡିଉଟି ଅଛି ନା ସାର୍ ?

ଥାନା ଭିତରେ ଘର୍ ଘର୍ ହେଉଥିବା ପୁରୁଣା ପଙ୍ଖାଠୁଁ ଆହୁରି କର୍କଶ ଶୁଭୁଥିଲା ହାଡୁର ସ୍ୱର ।

-ଜାଣିଛନ୍ତି ସାର୍, ଚୋଖା ଝିଅଟେ । ଖାଲି ମୁଣ୍ଡରେ ସିନ୍ଦୁର ଟୋପାଟା ନଥିଲେ କେହି ଭାବିବେନି ସେ ବାହା ହେଇଚ଼ି ବୋଲି ? ତା ଲାସ ଦେଖିଲେ ଆପଣ ବି ଲୋଭେଇ ଯିବେ ।

କଣ ପାଇଁ ଆତ୍ମ ହତ୍ୟା କଲା କେଜାଣି ? ବାହାଘରର ମାତ୍ର ପାଞ୍ଚ କି ଛ' ମାସ ହେଇଥିଲା କ୍ଷ ହାଡୁ ଟଳୁଥିଲା ମଦ ନିଶାରେ, ତାର ପୋଷ୍ଟ ମର୍ଟମ ଡିଉଟି ଅଛି ମୋ ସହ

-ଆରେ ସେ କନସିଭ କରିଥିଲା ?

-ଆଁ.. ଆଜ୍ଞା...

- ଆରେ ପ୍ରେଗେଣ୍ଟ ଥିଲା କି ?

ସେ କିଛି କହିଲାନି । ଦୂରରୁ ଜଣେ ଲେଡି କନେଷ୍ଟବଳ ମୋତେ ବଲ ବଲ କରି ଚାହିଁଲା ।

- ଚାଲନ୍ତୁ ଯିବା ସାର । ଚାଲି ଚାଲି ଯିବା କ୍ଷ ଅଳ୍ପ ବାଟ । ଗାଡ଼ି ଯିବନି ସେ ଜଙ୍ଗଲ ରାସ୍ତାରେ । ଆପଣଙ୍କର ଆଜି ନୂଆ ଡିଉଟି । ମେଡିକାଲ ପଛ ପଟେ ଯୋଉ ବୁଦି ବୁଦିକା ଜଙ୍ଗଲ ଅଛି ସେଇଠି କୁ ଯିବା । ସେଇଠି ଗୋଟେ ଆଜ ବେଷ୍ଟ ଘର । ତା ପଛ ପଟେ ଭଲ ମାଲ ମିଳେ ସାର ।

ଆଗ ପଛ ହୋଇ ଦୁହେଁ ଚାଲିଲୁ । ହାଡୁର କଥା ମିଛ ନଥିଲା । ରାସ୍ତା ଖୁବ ଅଣ ଓସାରିଆ । ଅନାମଧେୟ ଗଛ ଗୁଡିକ ଭୂତ ପରି ଦୁଇକଡ ? ଠିଆ ହେଇ ଥିଲେ । ସମ୍ଭବତଃ ପାଦ ଶବ୍ଦ ଶୁଣି ଗଛରେ ଓହଳିଥିବା ବାଦୁଡି ଗୁଡିକ ବିପଦ ଆଶଙ୍କାରେ ଅସ୍ୱାଭାବିକ ଶବ୍ଦ କରୁଥିଲେ । ଶିଉଳି ଲଗା କଂକ୍ରିଟ୍ କାନ୍ଥରୁ ଅଧା ଓହଳି ପଡିଥିଲା ଭଙ୍ଗା କବାଟ କ୍ଷ ତା ଭିତରେ ସମ୍ଭବତଃ ଥିଲା ଲାସ୍ କ୍ଷ ହାଡୁ ମାଲ୍ ପିଇ ଥିଲେ ବି ବେଶ୍ ହୋସ୍ ରେ କାମ କରୁଥିଲା । କିଛି ଭାବିବା ପୂର୍ବରୁ ହାଡୁ ଚ଼ଟ୍ କରି ଧଳା ଲୁଗାଟା ଅନାବରଣ କରିଦେଲା । ଲାସ୍ ମୁହଁରେ ମୋ ଆଖି ପଡିଗଲା ।

ମୁଁ ସ୍ତବ୍ଧ ହେଇଗଲି କ୍ଷ ମୁଣ୍ଡ ବୁଲେଇଲା ପରି ଲାଗିଲା । ଦି ଟୋପା ଲୁହ ଡୋଳା ଫଟେଇ ନିଗିଡି ପଡିଲା ଯେମିତି ପଚ଼ା ଘା' ମାଡ଼ ହେଲେ ବୋହି ପଡ଼ ? ପୁଜ ଆଉ ପାଣି ମିଶିବା ପରି ଫିକା ରକ୍ତ । ମିଷ୍ଟି ମିଶ୍ର... !

ଅପର୍ଣ୍ଣା ଲଜ, ଶହେ ଏଗାରରୁ ଜବତ ଲାସ ମିଷ୍ଟି ମିଶ୍ରର....

କେହି ନଦେଖିଲା ପରି ପଛ ପକେଟରୁ ରୁମାଲ ବାହାରକରି ଲୁହ ଲୁଚେଇ ଦେଲି । ବହୁତ କଷ୍ଟ ଲାଗୁଥିଲା । ଭିତରେ ଭିତରେ ଭାଙ୍ଗି ପଡିବାର ଯନ୍ତ୍ରଣା ଅନୁଭବ ହେଉଥିଲା । ନିଜକୁ ଯଥା ସମ୍ଭବ ଆୟତ୍ତ କରି ପୋଷ୍ଟ ମର୍ଟମେ କାର୍ଯ୍ୟ ସମ୍ପାଦନା କଲି ।

ଆଜି ରାତିରେ ଡିଉଟି ନଥିଲା । କ୍ୱାଟର ଭିତରେ ମୁଁ ଏକା ଥିଲି । କିଛି ହରେଇବା ପରି ଲାଗୁଥିଲା ଯଦିଓ ଦୁଇ ବର୍ଷ ଆଗରୁ ମୁଁ ତାକୁ ହରେଇ ସାରିଥିଲି । ଏବେ ସେ ଆଉ କାହାର ସ୍ତ୍ରୀ । ଆଇନ ଦୃଷ୍ଟିରୁ ମୁଁ ତାର କେହି ନୁହେଁ । ହେଲେ ଆଇନ କି ବୁଝେ ପ୍ରେମର ସୀମା ସରହଦ । ଧୋକାବାଜ୍ ମାନଙ୍କୁ କଣ ପାଇଁ ଝୁରୁଥାଏ ମନ ? ଚ଼ପଲରୁ ଛିଟିକି ପଡ଼ିଥିବା ବିନ୍ଦୁଏ କାଦୁଅ ପରି ପୋଛି ପାରେନା କାହିଁକି ? ପୁରୁଣା ବ୍ରିଫକେଶ୍ ବାହାର କଲି ।ମୋ ପୁରୁଣା ପର୍ସକୁ ବିକଳ ହେଇ ଖୋଜିଲି । ଭାଗ୍ୟ ଭଲ ସହଜରେ ପାଇଗଲି । ପର୍ସ ଖୋଲଲି ଆଉ ତା ଭିତରେ ଥିବା ଆମର ଜଏଣ୍ଟ ଫଟ ଦେଖିଲି । 'ଶକ୍ତି, ଆଇ ଲଭ ୟୁ ' ଲେଖାଥିବା ଶହେ ଟଙ୍କିଆ ନୋଟ ଟି ସେମିତି ଚାରି ଚଉତା ହେଇ ସାଇତା ହେଇଥିଲା । ମେମୋରୀ ଚିପ କାଢି ମୋବାଇଲ ରେ ପକେଇଲି । ତା ଭିତରେ ଥିଲା ଆମର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟ ଆଉ ଭିଡିଓ । କେଜାଣି ଆଜି କାହିଁକି ସିଗାରେଟ ଟିଏ ପରି ଜଳିବାକୁ ଇଛା ହେଉଥିଲ । ଛାତ ଉପରକୁ ଉଠିଲି । ବାହାରେ ତୋଫା ଜହ୍ନ ରାତି କ୍ଷ ଆଉ ଅଳ୍ପ ଦିନ ପରେ କୁମାର ପୂର୍ଣ୍ଣିମା । ଆକାଶରେ ଜହ୍ନ ମୋ ଛାତିରେ ନିଆଁ ଲଗାଉଥିଲା । ଗୋଲଡ଼ ଫ୍ଲେକ କାଢ଼ିଲି । ନିଆଁ ଲଗେଇଲି । ଧୂଆଁ ଛାଡିଲି ଆକାଶକୁ । ଧୂଆଁ କିଛି ସମୟ ପରେ ମିଳେଇ ଯାଉଥିଲା ଗାଢ଼ ଅନ୍ଧାରରେ ମୋ ସ୍ୱପ୍ନ ପରି । ମନେ ପଡୁଥିଲା ଆମର ପ୍ରଥମ ଦେଖା ।

ମୁଁ ସେତେବେଳେ ଭୁବନେଶ୍ୱରରେ କୋଚ଼ିଂ ନେଉଥିଲି ବ୍ୟାଙ୍କିଙ୍ଗ ପାଇଁ । ଖୁବ କମ ସମୟ ମିଳୁଥିଲା ବାହାରେ ବୁଲାବୁଲି ପାଇଁ । ବିଶେଷ କରି ସନ୍ଧ୍ୟା ସମୟରେ ଅଳ୍ପ ସମୟ ପାଇଁ ରମାଦେବୀଠୁଁ ବାଣୀ ବିହାର ଯାଏଁ ପାଦରେ ଚାଲି ଚାଲି ଯାଏଁ । ସେଦିନ ଅଳ୍ପ କିଛି ଟଙ୍କା ଦରକାର ହେଲା ଆଉ ମୁଁ ଏଟିଏମ ବାହାରେ ଅପେକ୍ଷା କରିଥାଏ । ଭିତରେ ଥିଲା ମିଷ୍ଟି ମିଶ୍ର । ମୋର କଲ ଟିଏ ଆସିଲା କ୍ଷ ମୁଁ କଥା ହେଇ ଭିତରକୁ ପଶିଲି କ୍ଷ ଦେଖିଲି କାର୍ଡ ଭିତରେ ପଡିଛି । ମୁଁ କଲ ନ କାଟି ତା କାନ୍ଧରେ ହାତ ମାରି ଇସାରା ଦେଲି । ସେ କଣ ବୁଝିଲା କେଜାଣି ଅଭଦ୍ର କହି ମୋ ଗାଲକୁ ଚ଼ଟକଣା ମାରିଲା । ମୁଁ କିଛି ଭାବିବା ପୂର୍ବରୁ ପୁଣି ସରି କହି ଏଟିଏମ ଉଠେଇ ଦ୍ରୁତ ବେଗରେ ଚାଲିଗଲା । ଦିନେ ଅଚାନକ ସେଇ ଏଟିମ ସାମନାରେ ମୁହାଁମୁହିଁ ହେଲୁ । ମୋତେ ଆଉ ଥରେ ଭେଟିବ ବୋଲି ସେ ବିଶ୍ୱାସ କରି ନଥିଲା ବୋଧେ । ନିଜ କାନ ଧରି ସରି କହିଲା । ମୋର ଅଚାନକ କଣ ହେଲା କେଜାଣି ମୋ କ୍ରୋଧ ଉଭେଇ ଗଲା ।

-ସରି ସାର, ଆପଣ ସେଦିନ ମୋତେ ମିସ ବିହେଭ କଲେ, ପରେ କାର୍ଡ ଦେଖି ବହୁତ ଖରାପ ଲାଗିଲା ମୋତେ ।

ପୁରୀ ତାର ବହୁତ ପସନ୍ଦ । ମୁଁ ପ୍ରଥମେ ଭାବୁଥିଲି ସେ ଜଗନ୍ନାଥ ଭକ୍ତ । ପରେ ଜାଣିଲି ସମୁଦ୍ର କୂଳ ତାର ବହୁତ ପସନ୍ଦ । ସେଠି ବୁଲି ବୁଲି ସେ ଗୁପଚୁପ ଖାଇବାକୁ ଭଲ ପାଏ । ଫଟୋଗ୍ରାଫି ବି ତାର ବହୁତ ପସନ୍ଦ । ସେଇ ସମୁଦ୍ର କୂଳରେ ତା ବାବା ଆଉ ମା ଙ୍କର ପ୍ରଥମ ଦେଖା ହୋଇଥିଲା । ଆଉ ପ୍ରେମ ବି। ସେଥିପାଇଁ ପୁରୀକୁ ସେ ବହୁତ ଭଲ ପାଏ । ପୁରୀ ବାରମ୍ବାର ଯିବା ପାଇଁ ତାର ଅନୁରୋଧ ମୋତେ ବ୍ୟସ୍ତ କରୁଥିଲା । student ସଲର ରେ ଏତେ ସବୁ ମଉଜ ମସ୍ତି ପାଇଁ ମୋ ପାଖରେ ଯଥେଷ୍ଟ ଟଙ୍କା ଆଉ ସମୟର ଅଭାବ ଥିଲା । କିନ୍ତୁ ସେ ଥିଲା ଭ୍ରମଣ ପ୍ରିୟ ଆଉ ବଡଖରଚ଼ି ।

ଥରେ ସମୁଦ୍ର କୂଳରେ ସେ ଲଭ ସିମ୍ବଲ କରୁଥିଲା ଆଉ ଅଚାନକ ଲହରୀ ମାଡି ଆସିଲା । ସେ ଦୌଡିଲା ଆଉ ତଳେ ପଡିଗଲା କ୍ଷ ପାଦ ମୋଡି ହେଇ ଗଲା ବୋଲି ଚିଲେଇଲା । ତାକୁ କିଛି ବାଟ ଟେକି ଟେକି ଆଣିଲି । ସେଠୁ ରିକ୍ସାରେ ବଡ଼ ଦାଣ୍ଡକୁ ଆସିଲୁ । ସେ ଭୁବନେଶ୍ୱର ଆସିବା ପାଇଁ ରାଜି ହେଲାନି । ସେଦିନ ପୁରୀରେ ରହିବା ପାଇଁ କୌଣସି ପ୍ରୋଗ୍ରାମ ନଥିଲା । ମୁଁ ଆଶ୍ଚର୍ଯ୍ୟ ହେଲି । ଅନେକ ଥର ପୁରୀ ଯାଇଥିଲେ ବି କେବେ ରାତିରେ ତା ସହ ଲଜରେ ରହି ନଥିଲି । ସେ କିଛି ସମୟ ଗାଏବ ହୋଇଗଲା । କିଛି ସମୟ ପରେ ହାତରେ ଚୁଡି, ମୁଣ୍ଡରେ ସିନ୍ଦୂର ଆଉ ବେକରେ ମଙ୍ଗଳସୂତ୍ର ପକେଇ ହାଜର ହେଲା ।

ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି -' ଏ ସବୁ କଣ ? '

-' ଆରେ ରୁହ । ପଚାଶ ଟଙ୍କାରେ ଏ ସବୁ ପାଇଗଲି । ଲଜ ମ୍ୟାନେଜର ପଚାରିଲେ କହିବି ମୁଁ ଇଏ ମୋ ହଜବାଣ୍ଡ୍ ।ତମେ ଖାଲି ମୁଣ୍ଡ ଟୁଙ୍ଗାରିବ। ସାମନାରେ ଅପର୍ଣ୍ଣା ଲଜ । ମିଷ୍ଟି ମିଶ୍ର ଆଧାର କାର୍ଡ ଦେଖାଇ ରୁମ ବୁକ କଲା । ଲଜ ବୟ ଚାବି ଧରି ରୁମ ନମ୍ବର ଶହେ ଏଗାରକୁ ନେଇଗଲା । ରୁମ ଟି ଅପେକ୍ଷା କୃତ ବଡ଼ ଥିଲା । ଲାଟ୍ରିନ, ବାଥ ରୁମ ଆଟାଚ଼ ଥିଲା । କାନ୍ଥରେ ଅତ୍ୟାଧୁନିକ କଳାକୃତିର ପେଣ୍ଟିଙ୍ଗ ଥିଲା । କେତେକ ଚିତ୍ର ଅଶ୍ଳୀଳ ଲାଗୁଥିଲା । ମୋଟାମୋଟି ଭାବରେ ରୁମ ଟି ଗୋଟିଏ ନବ ବିବାହିତ ଦାମ୍ପତିଙ୍କ ବେଡ଼ ରୁମ ପରି ସଜ୍ଜା ହେଇଥିଲା। ଲଜ ବୟ ମଝିରେ ଆସି ଥରେ ଥଣ୍ଡା ପାଣି ଦେଇଗଲା । ପୁଣି ପାଞ୍ଚ ମିନିଟ ପରେ କଲିଂ ବେଲ ମାରିଲା କ୍ଷ ସେତେବେଳେ ସେ ଡ଼୍ରେସ ଚେଞ୍ଜ କରୁଥିଲେ ବି ଚାଲିଗଲା କବାଟ ଖୋଲିବାକୁ ପୁଣି ବିନା ସଂକୋଚ଼ରେ କ୍ଷ ମୁଁ ପଚାରିଲି କଣ ହେଲା ପୁଣି ?

-' ନା ସେ କିଛି ନୁହେଁ । ପଚାରୁ ଥିଲା ଆଉ କିଛି ଦରକାର ହେଲେ କହିବ.. । ମୁଁ ମନାକଲି । ତାର ଉତ୍ତର ମୋତେ ସନ୍ତୁଷ୍ଟ କରି ପାରିଲାନି । ଲଜ ବୟର ହାବ ଭାବ ମୋତେ ସନ୍ଦେହ ଲାଗୁଥିଲା । ମୁଁ ଶୋଇବାର ନାଟକ କଲି । କେତେ ରାତି ହେବ କେଜାଣି.. ମିଷ୍ଟି ମିଶ୍ର ଫୋନଲାଇଟ ଜଳିଲା । ଆଉ ସେ ବାହାରକୁ ଚାଲିଗଲା କବାଟ ଫିଟେଇ । ପନ୍ଦର କୋଡ଼ିଏ ମିନିଟ ପରେ ଆସିଲା । ମୁଁ ସ୍ଥିର ହେଲି ଯେ ଅପର୍ଣ୍ଣା ଲଜ ତା ପାଇଁ ପ୍ରଥମ ନୁହେଁ ।

ସକାଳୁ ଉଭୟେ ରୁମ ଛାଡିଲୁ । ଭାଗ୍ୟଭାଲ ରାତିରେ ମୋ ସହ କିଛି ବି ଅଘଟଣ ଘଟିନି । ସେମାନଙ୍କ ସମ୍ପର୍କ ବିଷୟରେ ବେଶି କିଛି ଜାଣିବାର ଆଗ୍ରହ ନଥିଲା । ମୋ କ୍ୟାରିଅର ମୋ ପାଇଁ ବଡ଼ ଥିଲା । ଭୁବନେଶ୍ୱର ରେ ଓହ୍ଲେଇ ସେ ତା ରୁମକୁ ଗଲା ଆଉ ମୁଁ ମୋ ରୁମ କୁ । ସନ୍ଧ୍ୟାରେ ସିମ କାର୍ଡ ଫୋପାଡ଼ି ଦେଲି । ଭୁବନେଶ୍ୱର ବି ଛାଡିଦେଲି କ୍ଷ ତା ପରେ ପୋଷ୍ଟ ମର୍ଟମ ରୁମ ରେ ଶେଷ ଦେଖା ।

ଆଉ ଗୋଟେ ସିଗ୍ରେଟ ବାହାରକଲି। ନିଆଁ ଲଗେଇଲି । ବୁଲେଟ ଷ୍ଟାର୍ଟ କଲି । ଅପର୍ଣ୍ଣା ଲଜ ଠି ପହଂଚ଼ିବାକୁ କୋଡ଼ିଏ ମିନିଟ ଲାଗିଲା । ଗେଟ ଭିତରେ ପଶୁ ପଶୁ ସେଇ ହୋଟେଲ ବୟ ସହିତ ଭେଟ ହେଇଗଲା । ତା କଲର ଧରି ଘୋଷାଡି ଆଣିଲି ଆଉ ଜେରା କଲି...-':ମିଷ୍ଟି ମିଶ୍ର ସହ ତୋର ସମ୍ପର୍କ କଣ ? '

ସେ ମୋତେ ଓଲଟି ପ୍ରଶ୍ନ କଲା - 'କୋଉ ମିଷ୍ଟି ମିଶ୍ର ? '

ଦୁଇ ଚ଼ଟକଣୀ ପକେଇଲି । ମୁଁ ପୋଲିସ ବୋଲି ପରିଚ଼ୟ ଦେଲି ଆଉ ସତ କହିଲେ ଛାଡ଼ି ଦେବାର ପ୍ରତିଶ୍ରୁତି ଦେଲି ।

ସେ ସବୁ କହି ଚାଲିଲା । ଏପରିକି ଘଟଣା ଦିନ ସେ ତା ସ୍ୱାମୀ ସହ ଏଇ ରୁମ ରେ ଥିଲା । ମିଷ୍ଟି ମିଶ୍ର ବହୁ ପୁରୁଷ ପ୍ରିୟ ନାରୀ ଥିଲା ଆଉ ଲଜ ବୟ କୁ ତା ସହ ସମ୍ପର୍କ ରଖିବାକୁ ସେ ବାଧ୍ୟ କରୁଥିଲା ବୋଲି ସେ ସଫେଇ ଦେଲା ।

-ତାହେଲେ ତାକୁ ମର୍ଡର କଲୁ କାହିଁକି ?

-ତାଙ୍କୁ ମାରିବାକୁ ନୁହେଁ ତାଙ୍କ ସ୍ୱାମୀକୁ ମାରିବାକୁ ସେ ଯୋଜନା କରିଥିଲେ । ତାଙ୍କ ସ୍ୱାମୀ ଚରିତ୍ର ହିନା କହି ଗାଳି ଦେବାରୁ ସେ ରାଗରେ ରାଗରେ ତାଙ୍କୁ ମାରିବାକୁ ଚେଷ୍ଟା କରୁଥିଲେ । ସେ ବଞ୍ଚିବା ପାଇଁ ମାଡାମଙ୍କ ହାତ କାଟିଦେଲେ ଆଉ ଅଧିକ ରକ୍ତ ସ୍ରାବ ହେବାରୁ ଲଜ ଛାଡ଼ି ପଳେଇଲେ । ମୋତେ ଏ କଥା ବାହାରେ ପ୍ରକାଶ ନକରିବାକୁ ଧମକ ଦେଇ ଗଲେ । କନେଷ୍ଟ ବଳ ରାଧୁ ସିଂ ର କଲ ଆସିଲା ଲା।

-ସାର ମିଷ୍ଟି ମିଶ୍ର ସ୍ୱାମୀ ସୁଇ ସାଇଡ କରି ଦେଇଛି ।

ମୁଁ ମନେ ମନେ ଭାବିଲି ସବୁ ରାତିର ସକାଳ ଅଛି ।

-'ସେମାନେ ତାଙ୍କ ଫଳ ପାଇଲେ । ତୁ ଚାଲ ମୋ ସହ ଥାନାକୁ ।'

ଆକାଶରେ ଜହ୍ନ ହସୁଥିଲା । ମୁଁ ବୁଲେଟ୍ କିକ ମାରିଲି ।

ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ସ୍ୱୀକାର

ପ୍ରଶାନ୍ତ ଚ଼ନ୍ଦନ



ରାତି ସ୍ୱପ୍ନ
ଦିନ ଲକ୍ଷ୍ୟ ତ
ମୁଁ କିଏ ତମେ କିଏ
ବୋଇଲା ବେଳକୁ
ଆଉ କ'ଣ ରହୁଛି କି
ପ୍ରେମ...
ଦେଖ ଏଠି ହିଁ
ବୁଝିବାରେ
ଶେଷ ହୋଇ ଯାଉଛି
ସବୁ କାରଣ,
ନା ଆଉ କହିବ
ତା'ପରେ
ସଞ୍ଜ, ସକାଳ ପରି
ଅଛି ଆଗେଇବାକୁ ପୁଣି
ତା'ର ଦିନ
ତା'ର ଆରମ୍ଭ ।
କ'ଣ କହିବ ତା'କୁ
ଆମର ନା
ପ୍ରତୀକ ବୋଲିବାକୁ
ପରସ୍ପରର
ଯୁଗଳ ଜାତକ ତ
କୁହ କରିବ କି
ଅସ୍ୱୀକାର ନା
କରିବନି ପୁଣି କୁହ
କରିବାକୁ କର
ସ୍ୱୀକାର !!

*ଇରିଗେସନ୍ କଲୋନୀ,*
*ଲେନ୍-୩*
*ଭବାନୀପାଟଣା, କଳାହାଣ୍ଡି*

## ଅପୂର୍ଣ୍ଣତା

ପିନାକିନନ୍ଦନ ଚାଟାର୍ଜୀ



ଧର୍ମ ଅଧର୍ମ ନ୍ୟାୟ ଅନ୍ୟାୟ
ସତ୍ୟ ଓ ମିଥ୍ୟା
ମଧ୍ୟରେ ଦଣ୍ଡାୟମାନ
ବିଚାର ବିମର୍ଶ ଶୂନ୍ୟ
ମଣିଷ ଟିଏ !
ମନରେ ଭରି ରହିଛି
ଘୃଣା ଓ ଅହେତୁକ ପ୍ରଶ୍ନ ଚିହ୍ନ ॥

ଜୀବନ ଯୁଦ୍ଧରେ
ହାର ମାନି ନିଜକୁ
ଅସହାୟ ବ?ଧ କରୁଛି
ବିଳାପ କରିଉଠୁଛି
ମାନବ ଜାତିର
ଧ୍ୱଂସ ର କରୁଣ କାହାଣୀ ॥

ଆଉ ନିଜକୁ ନିଜର
ଆଶାର ଭଗ୍ନାବଶେଷ ରେ
ନିଃଶେଷ କରିଦେବାର
ଏକାନ୍ତ ପରିକଳ୍ପନା
ସତେ ଯେମିତି
ମନରେ ଉଙ୍କି ମାରୁଛି
ଉଗ୍ରବାଦ ର ଭାବନା
ଓ ପରିକଳ୍ପନା॥

ବଡ଼ ବିଚିତ୍ର ଏ ଦୁନିଆ
ଯେଉଁଠି ଅଭାବ ଅନଟନ
ଦୁଃଖ ଦାରିଦ୍ର୍ୟତା
ମଧ୍ୟରେ ମଣିଷ ଆଜି
ଜର୍ଜରିତ ନିଷ୍ପେ?ସିତ
ସେଇଠୁ ପୁଣି ଶୁଭୁଚ଼ି
ବିଳାସ ପୂର୍ଣ୍ଣ ସୁନ୍ଦର ଅଟ୍ଟାଳିକା
ଗୁଡ଼ିକର ଅଟ୍ଟହାସ୍ୟ ର ପ୍ରତିଧ୍ୱନୀ
ସୂଚିତ କରୁଛି ଧନୀକ ଶ୍ରେଣୀର
ଗର୍ବ ଅହଂକାର
ଓ ପଦ ମର୍ଯ୍ୟାଦା ର
ବେସୁମାର କାହାଣୀ ॥

ଭଗବାନଙ୍କ ସୃଷ୍ଟିରେ
ଏ କି ବିଚିତ୍ରତା !!
ଯେଉଁଠି ସଂପୂର୍ଣ୍ଣ ହାରମାନିଛି
ମାନବିକତା
ଭୈ।ତିକ ମୂଲ୍ୟବୋଧ ସାଜିଛି
ସମସ୍ତଙ୍କ ଆଭିମୁଖ୍ୟ
ଆଉ ଦାରିଦ୍ର୍ୟତା ଅଶ୍ପୃଶ୍ୟତା
ତଥା ଅକ୍ଷମତା
ଉଜାଗର କରୁଛି
ଜୀବନ ରେଖାର
ଅଭିଶପ୍ତ ଅଧ୍ୟାୟ
ଆଉ ଭରିଦେଉଛି
ଆତ୍ମ ଚିନ୍ତନରେ ଘୃଣ୍ୟତା
ପ୍ରତିଶୋଧ ପରାୟଣତା ॥

ନିରୀହ ନିରଦ୍‌ଦୋଷ
ନିଷ୍ପାପର ହୃଦୟକୁ
ଆଲୋଡିତ କରୁଛି
ପରିବର୍ତ୍ତନ ର
ଉଗ୍ରଭାବାପନ୍ନ ଆଉ
ବିଦଗ୍ଧ ହୃଦୟରେ ଅନିଚ୍ଛାକୃତ
ଆଙ୍କି ହୋଇ ଯାଉଛି
ଉଗ୍ରବାଦ ଓ ଉଗ୍ରବାଦୀର
ପଦଚିହ୍ନ ॥

ଗୋପାଳ ଗାଁ,ବାଲେଶ୍ୱର

## ଏ କବିତା ନୁହେଁ ସରିବାର

ଶିବାନନ୍ଦ ବାରିକ



ଏ କବିତା ନୁହେଁ ସରିବାର
ବୋହି ଚାଲୁଥିବା
ଭିକାରୁଣିର ବୁଜୁଳି ଚିରି
ଝରିପଡେ ରକ୍ତସୁଅ,
ଲୁହର ଉପନଦୀ ଗୋଟେଇ,
ଜୀବନଠୁ ଧକ୍କା ଖାଇ।
ଘୁରୁଥିବା ପୃଥିବୀ ,
ଖରା,ବର୍ଷା,ଶୀତ,ବସନ୍ତ
ଅବିଶ୍ରାନ୍ତ କବିତା ଲେଖେ ,
ନିତି ବହେ
ମୁହାଣ କି ମିଳନ କିନ୍ତୁ ସ୍ୱପ୍ନ !
ଏଣୁ ଏ କବିତା ନୁହେଁ ସରିବାର।

ଚାଳଫାଙ୍କରୁ ଇଚ୍ଛାଗୁଡାକ
ଚୁପିଚୁପି ଆଖି ଠାରନ୍ତି
ଆଖି ଖୋଲି ଆଖିଏ
ସ୍ୱପ୍ନର ଆହ୍ୱାନ ଦେଇ।
ନିଶାସକ୍ତ ରାତିଟା
କିନ୍ତୁ ଅତିଷ୍ଠ ହୁଏ
ସ୍ୱପ୍ନମାନେ ଆଖିରୁ
ବଡ଼ ହୋଇଗଲାପରେ
ବୋହିପାରେନି ମଲାଜହ୍ନର ବୋଝ,
ଏଣୁ ଏ କବିତା ନୁହେଁ ସରିବାର।

ଫଟା ଗୋଇଠିରେ ଜୀବନକୁ
ଦଳିଦେବାପରେ,
ଚିପୁଡି ହୋଇ ନିଗାଡି ପଡ଼ ?
ଅସହାୟତା ଆଉ ଅପେକ୍ଷାର ବୁନ୍ଦା।
ଧୂସର ପାପୁଲିର ଧାରୁଆ ସିଆର
ବିଷାକ୍ତ ରାତିକୁ ଖାଲି ଚିରିପାରେ
ଏଣୁ ଏଇ କବିତା ନୁହେଁ ସରିବାର।
ଏଇ କବିତା ନୁହେଁ ସରିବାର।

କବିସୂର୍ଯ୍ୟନଗର
ଗଞ୍ଜାମ

## ବରଷା ରାଣୀ

ଯୁଧିଷ୍ଠିର କୁଅଁର



ଟପ ଟପର ବରଷା ରାଣୀ,
କଳା ହାଣ୍ଡିଆ ଓଢ଼ଣୀ ଟାଣି
ନିଇତି ନିତି ଆସୁ।
ଚ଼କ ମକିଆ ବିଜୁଳି ବତୀ,
ଘଡ ଘଡ଼ିରେ ଦୁଲୁକେ ଛାତି
ଡରରେ ଘରେ ପସୁ।୧।
ଝପର ଝପ ଝରାଉ ପାଣି,
ସନ୍ତସନ୍ତିଆ ରାସ୍ତା ହେଲାଣି
ଖସରା ବାଟଘାଟ।
ପାଦେ ଚ଼ପଲ ହାତରେ ଛତା,
ବର୍ଷାରେ ଭିଜେ ବହି ଓ ଖାତା
ପାଠ ପଢିବା କଷ୍ଟ।୨।
ଉଛୁଳି ନଈ ନାଳ ପୋଖରୀ,
ଛୁଟୁଛି ସୁଅ କଳା ଭଉଁରୀ
ବୁଡିଛି କ୍ଷେତ ବାଡି।
ଚାଷୀ ବାପୁଡ଼ା ମୁଣ୍ଡେ ଚଡ଼କ,
ଶସ୍ୟ ମରିଲେ ହେବ ମଡ଼କ
ବାସ ଯିବ ଉଜୁଡି।୩।
ମଶା ଓ ମାଛି ବଂଶ ବିସ୍ତାରି,
ରୋଗ ଜୀବାଣୁ ଦେବେ ବିତରି
ମନଟା ଦକଦକ।
ଥଣ୍ଡା ଜ୍ୱରରେ ବିନ୍ଧିବ ମଥା,
ଝାଡା ବାନ୍ତିର କହନି କଥା
ଘାରିବ ଦୁଃଖ ଶୋକ।୪।
ବରଷା ରାଣୀ ବରଷା ରାଣୀ,
ସୂର୍ଯ୍ୟଦେବଙ୍କୁ ଦେଖାଅ ଆଣି
ଜଗତ ହେଉ ଖୁସି।
ଫୁଟିଲେ ଫୁଲ ଫଳିବ ଫଳ,
ପ୍ରଜାପତିଙ୍କ ଲାଗିବ ମେଳ
ବଗିଚ଼ା ଦେବ ହସି।୫।

ଡଗରପଡା, ବାଲେଶ୍ୱର

## ଦୁର୍ଗା ସ୍ତୁତି

ସୁଷମା ପରିଜା



ରାଜରାଜେଶ୍ୱରୀ ଦେବୀ ଅନଳବର୍ଣ୍ଣା
ମନମୋହିନୀ ଗୋ ମା' ରୁଦ୍ରାଣୀ ଉମା ॥
ମଧୁକୈଟଭ ନାଶିନୀ ରମ୍ୟକବନବାସିନୀ
ଧରା ଭାରା ନିବାରିଣୀ ଶର୍ବାଣୀ ଭାମା ॥
ଶୈଳପୁତ୍ରୀ ଗୋ ଗିରିଜା ବ୍ରହ୍ମଚାରିଣୀ ଶୈଳଜା
ଅପର୍ଣ୍ଣା ପାର୍ବତୀ ଗୌରୀ ଚନ୍ଦ୍ରବଦନା ॥
ନାନାଳଙ୍କାରଶୋଭିତା କାଳରାତ୍ରୀ ଚନ୍ଦ୍ରଘଣ୍ଟା
ସିଂହବାହିନୀ ଅମ୍ବିକା ରମ୍ୟକ ରମ୍ୟା ॥
ସର୍ବମଙ୍ଗଳା ଭବାନୀ ଛିନ୍ନମସ୍ତା କାତ୍ୟାୟନୀ
ରକ୍ତବୀର୍ଯ୍ୟା ମହାତେଜା କର ଗୋ କ୍ଷମା ॥
ଅଭୟ ବରଦାୟିନୀ ସକଳ ତାପ ହାରିଣୀ
ତୁମେ ସୃଷ୍ଟି ସ୍ଥିତି ବିଲୟର କାରେଣୀ ମା ॥
ପ୍ରଣାମ କରୁଛି ମାତ କର ଗୋ ତୁମ ଆଶ୍ରିତ
କୃତାଞ୍ଜଳି ପୁଟେ ବାରେ କରୁଛି ଦୟିନୀ ମା ॥

## ଶୀର୍ଷକ: ଚିଠି ବନାମ ହ୍ୱାଟ୍ସଆପ୍

ନାରାୟଣ ମହାରଣା

ପୋଷା ପାରା ଟିକୁ ପାଖ ରେ ବସାଇ
ଖୁଦ ଦାନା ଟିକେ ଦେଲି ।
ପ୍ରେମ ଚିଠି ଟିକୁ ପଞ୍ଝା ରେ ବାନ୍ଧିଣ
କାନେ ଚୁପି କହିଦେଲି ।
'ମେନେ ପ୍ୟାର କିଆ'କବୁତର ତୁହି
ଯା' ଯା' ଉଡି ଯା' ।
ଏ ସାହି ଛାଡ଼ି ଆର ସାହି ଘର
ମାମିନା କୁ ଦେଇ ଆ ।
ମୁରୁକି ହସିଣ କହିଲା ପାରା
ପାଗଳ ହେଲକି ଭାଇନା !!!!!
ମୁଁ ମୋ କବୁତରି କୁ ହ୍ୱାଟ୍ସଆପ୍ କରୁଛି
ତମେ ଅଛ କୋଉ ଜମାନା ।
ସତରେ ଅତୀତ କଥା କୁ ହେଜିଲେ
ଲାଗେ ଭାରି କୌତୁହଳ ।
କାହିଁ ଗଲା ସେଇ ଚିଠି,
ପୋଷ୍ଟକାର୍ଡ,
ନୀଳ ଲଫାଫା ର ଖୋଳ ।
ମନେ ପଡେ ସେଇ ପିଲାଦିନ କଥା
ପଡିଶା ଘରର ଭାଉଜ ରାଣୀ ।
ପାଖରେ ବସାଇ ଚିଠି ସେ ଲେଖାନ୍ତି
ମୁଣ୍ଡରେ ଓଢଣା ଟାଣି ।
କଣ ଲେଖିବି କୁହହେ ଭାଉଜ
ଭାଇନା ତ ଆମ ଦୁରେ ।
ନ କହିଲେ ତମେ ଲେଖିବି କେମିତି
ଦୋଷ ଦେବନାହିଁ ପରେ ।
ଲାଜେଇ ଯାଆନ୍ତି ଭାଉଜ ଆମର
ଦାନ୍ତରେ କାନିକୁ ଭିଡ଼ି ।
କେତେ ତୁ ଫଟେଇ ହଉଚୁ ନାରଣ
ଲେଖୁନୁ କଲମ କାଢ଼ି ।
ପ୍ରଥମେ ଲେଖିବୁ ପ୍ରଣାମ ଘେନିବ
ଶେଷରେ ଚୁମ୍ବନ ନେବ ।
ମଝିରେ ଲେଖିବୁ ଦେହ ପା' ଟିକୁ
ଦେଖି ଚାହିଁ ଚଳୁଥିବ ।
'ଇତି' ପାଖରେ ନାଲି କଲମରେ
ହାର୍ଟ୍ ଟିଏ କରିଦେବୁ ।
ଲଫାଫା କୁ ମୋଡ଼ି ସୁରଟ ଠିକଣା
ନିର୍ଭୁଲ ରେ ଲେଖିଦେବୁ ।
ନାବାଳକ ଥିଲି ବୁଝି ମୁଁ ନଥିଲି
ଚିଠି ର ମହତ୍ତ୍ୱ ତେବେ ।
ସେ ଚିଠି ତ ନଥିଲା
ହୃଦୟ ଟା ସତେ କାଢି ରଖୁଥିଲେ
ଆବେଗେ ।
ଯାଇଛି ସେ କାଳ
ଆସିଛିରେ ଏବେ ହ୍ୱାଟ୍ସଆପ୍ ର ବେଳ।
ଚିଠି ଲେଖିବାକୁ ତର କାହିଁ
ବାସ୍ ଦୁଇ ମିନିଟ୍ ର ଖେଳ ।
ଥାଅ ତୁମେ ଯେତେ ଦୂର ବିଦେଶ ରେ
ଅଷ୍ଟ୍ରେଲିଆ, ଆମେରିକା ।
ଭିଡିଓ କଲ୍ ରେ ମା' ଝିଅ ଚାଟିଁ
ଯୋଉଁ ବାବୁ ହକା ବକା ।
ସତରେ କେତେ ସୁବିଧା ହୋଇଛି
ଭାବର ଆଦାନ ପ୍ରଦାନ
ଚିଠି ଟିଏ ପାଇଁ ଡାକବାଲା କୁ
ଆଉ ଚାହିଁ ରହୁନାହିଁ ମନ ।
ଯେତେ ଫେସବୁକ୍,ହ୍ୱାଟ୍ସଆପ୍, ଇନଷ୍ଟା
ସୋସିଆଲ ମିଡ଼ିଆ ହେଲା ।
ହେଲେ ଚିଠି ଲେଖିବାରେ ଯୋଉ ଆନନ୍ଦ
କୋଉଥିରେ ନ ମିଳିଲା ।

ବାଲିମେଳା
ମାଲକାନଗିରି




## ମରଣଯନ୍ତା ପାଲଟିଛି ଶଙ୍ଖାରିଡିହ-ବ୍ରାହ୍ମଣଦା ଆରଡ଼ି ରାସ୍ତା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଶଙ୍ଖାରିଡିହ ଛକରୁ ଗଙ୍ଗାଧରପୁର ପଂଚାୟତ ବ୍ରାହ୍ମଣଦା ଗାଁ ପର୍ଯ୍ୟନ୍ତ ଯାଇଥିବା ଆରଡ଼ି ରାସ୍ତା ମରାମତି ଅଭାବରୁ ଏବେ ମରଣଯନ୍ତା ପାଲଟିଛି । ଟିକରସାହି ଗ୍ରାମର ତ୍ରିଲୋଚନ ସାମଲ(୩୮) ଗତମାସ ୧୫ତାରିଖ ରାତିରେ ଏକ ବାଇକ୍‌ରେ ଘରକୁ ଫେରୁଥିବା ବାଟମଙ୍ଗଳା ମନ୍ଦିର ସମ୍ମୁଖ ରାସ୍ତାରେ ହୋଇଥିବା ଖାଲରେ ପଡି ମୃତ୍ୟୁବରଣ କରିଥିଲେ । ସେହିପରି ଏହି ରାସ୍ତାରେ ଅନେକ ଛୋଟବଡ ଦୁର୍ଘଟଣା ଘଟି ସ୍ଥାନୀୟ ଅଂଚଳର ବହୁ ଲୋକ ଆହତ ହେଉଛନ୍ତି । ଜାରକା ଆରଡ଼ି ବିଭାଗ ପକ୍ଷରୁ ପ୍ରାୟ ୬ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଉକ୍ତ ରାସ୍ତା ଏବେ ଭାଙ୍ଗିରୁଜି ଗଲାଣି । ମରାମତି ଅଭାବରୁ ଏସବୁ ରାସ୍ତାରେ ଯାତାୟତ କରିବା ବାଧା ସୃଷ୍ଟି ହେଉଛି । ରାସ୍ତାରେ ବହୁ ଖାଲ ସୃଷ୍ଟି ହୋଇଥିବା ବେଳେ ଏହା ଏବେ ଯାତାୟତ ଅନୁପଯୋଗୀ ହୋଇପଡିଛି । ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ମାସ କେଇଟାରେ ରାସ୍ତାରୁ ଗୋଡି ଓ ପିଚୁ ଉଠିଯାଇଥିଲା । ଖାଲଢିପ ରାସ୍ତାରେ ଯା'ଆସ କରିବା ଅଂଚଳବାସୀଙ୍କ ପକ୍ଷରେ କଷ୍ଟକର ହେଉଛି । ଏପଟେ ନିମ୍ନମାନର କାମକୁ ନେଇ ସେହି ସମୟରେ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ନିୟମାନୁସାରେ ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହିବା କଥା । ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଏଠାରେ ଦେଖିବାକୁ ମିଳି ନଥିଲା । ଏହାର ସୁଯୋଗ ନେଇ ଠିକାଦାର ରାସ୍ତା ନିର୍ମାଣ କାର୍ଯ୍ୟରେ ନିମ୍ନମାନର ପଥର, ଗୋଡି, ପିଚୁ ଆଦି ସାମଗ୍ରୀ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଏସବୁ ଯାଂଚ କରିବା ପାଇଁ କେହି ରହୁନଥିବାରୁ ଠିକାଦାର ମନଇଚ୍ଛା କାମ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ହାତ କରି ବିଲ୍ ଉଠାଇ ନେଇଥିଲେ । ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ସମୟସୀମା ନିର୍ଦ୍ଧାରଣ କରାଯାଇଥିଲେ ହେଁ, ଠିକାଦାର ଏଥିପ୍ରତି ଦୃଷ୍ଟି ଦେଇନଥିଲେ । ଏପଟେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ରାସ୍ତାଟି ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଫଳରେ ଠିକାଦାର ଓ ବିଭାଗ ମଧ୍ୟରେ ଥିବା ମଧୁର ସଂପର୍କକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

## ବିଜୁ ଯୁବ ଜନତା ଦଳର ସଫେଇ କାର୍ଯ୍ୟ ଲୋକଦେଖାଣିଆ

ଭୁବନେଶ୍ୱର (ପିଏନ୍)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଯୁବ ଜନତା ଗାନ୍ଧୀ ଜୟନ୍ତୀ ଠାରୁ ସେବା କାର୍ଯ୍ୟ ଆରମ୍ଭ କରିବା ପ୍ରସଙ୍ଗରେ କ୍ୟାପିଟାଲ ହସ୍‌ପିଟାଲରେ ସଫେଇ କାର୍ଯ୍ୟ ଆରମ୍ଭ କରିଛନ୍ତି । ହେଲେ ଏହା ଲୋକଦେଖାଣିଆ ବୋଲି ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ରଂଜିତ ପାତ୍ର ତିରସ୍କାର କରିଛନ୍ତି । ବିଜେଡ଼ି ଯୁବ ସଂଗଠନ ଏକ ସ୍ଥାଣୁ ସଂଗଠନ । ଏହା ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କେବେ କାର୍ଯ୍ୟ କରିଥିବାର ନଜିର ନାହିଁ । କେବଳ ଝାଡୁ ଧରି ଫଟୋ ଉଠାଇବା କାର୍ଯ୍ୟକ୍ରମ ହୋଇଛି । କେବଳ ଭୁବନେଶ୍ୱର ନୁହେଁ ଓଡ଼ିଶାର ସମସ୍ତ ସହରରେ ଥିବା ଡାକ୍ତରଖାନା, ମୁଖ୍ୟ ରାସ୍ତା ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନର୍ଦ୍ଦମା ଓ ମଇଳାରେ ଭର୍ତି । ପ୍ରଶାସନ ସଫେଇ କାର୍ଯ୍ୟ କରୁନଥିବା ବେଳେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଚୁପ ବସିଛନ୍ତି । ଏବେ ଯୁବ ବିଜେଡ଼ି କେଉଁଠି କେମିତି ଲୋକଦେଖାଣିଆ ସଫେଇ କରୁଛନ୍ତି । ଗତ ୨୫ ବର୍ଷ ଧରି ଯୁବ ବିଜେଡ଼ି କୌଣସି ସାମାଜିକ କାର୍ଯ୍ୟ କରିବାର କେହି ଦେଖନାହାନ୍ତି । ବନ୍ୟା, ବାତ୍ୟା ଓ ପ୍ରାକୃତିକ ଦୁର୍ବିପାକରେ ଲୋକଙ୍କ ପାଖରେ କେବେ ଯୁବ ବିଜେଡ଼ି ଠିଆ ହୋଇନାହିଁ । ସେପଟେ ନବୀନ ବାବୁ ଏକ ବିଜୁ ଯୁବବାହିନୀ ଗଠନ କରି ରାଜ୍ୟ ରାଜକୋଷରୁ ପ୍ରଚୁର ଅର୍ଥ ଲୁଟିନେଲେ । ସେହି ବିଜୁ ଯୁବବାହିନୀ କେବେ କୌଣସି ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇନଥିଲା । ଫନି, ତିତିଲି, ହୁଡ୍‌ହୁଡ୍, ଫାଇଲିନ ପ୍ରଭୃତି ପ୍ରାକୃତିକ ଦୁର୍ବିପାକରେ ବିଜୁ ଯୁବ ଜନତା କିମ୍ବା ବିଜୁ ଯୁବ ବାହିନୀର ଦେଖା ମିଳିନଥିଲା । ଅନ୍ୟ ପକ୍ଷରେ ଦରଦାମ ବୃଦ୍ଧି ବିଶେଷ କରି ତୈଳ ଓ ରନ୍ଧନଗ୍ୟାସ ଦରବୃଦ୍ଧି, ଋଷୀ ସମସ୍ୟା, ବିଦ୍ୟୁତ ଦର ବୃଦ୍ଧି ଓ କେନ୍ଦ୍ରର ଏନଡିଏ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ଏବଂ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ବିରୋଧରେ ବିଜୁ ଯୁବ ଜନତା ଦଳ କେବେ ଆନ୍ଦୋଳନ କରିନାହିଁ । ଏଣୁ ବିଜୁ ଯୁବ ଜନତା ଦଳର ଏ ସଫେଇ ଓ ସାମଜିକ କାର୍ଯ୍ୟ କେବଳ ମିଡିଆରେ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ବୋଲି ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି ।

## ଅରିନ୍ଦମ, ସୀତାରାମ ଓ ଗଜରାଜଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍): ଦିବଂଗତ ସାମ୍ବାଦିକ ଅରିନ୍ଦମ ଦାଶ, ଓଡ୍ରାଫ ସଦସ୍ୟ ସୀତାରାମ ମୁର୍ମୁ ଓ ମହାନଦୀରେ ବୁଡି ପ୍ରାଣ ହରାଇଥିବା ବଣୁଆ ହାତୀକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କଂସାର ପଞ୍ଚାୟତ ଚଣ୍ଡିଆ ପଲ୍ଲୀ ଗାଁ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାରମ୍ଭରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସମାଜସେବୀ ସନ୍ତୋଷ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ଯୋଗ ଦେଇ ଯୁବ ସାମ୍ବାଦିକ ଦିଲ୍ଲିପ ମହାନ୍ତି, ବାସନ୍ତୀ ମହାପାତ୍ର ଓ କବିତା ପ୍ରଧାନ ସାମ୍ବାଦିକମାନଙ୍କ ସୁରକ୍ଷାପାଇଁ ସରକାର ଅଧିକ ଯତ୍ନବାନ ହେବାକୁ ମତ ଦେଇଥିଲେ । ସେହିପରି ଅରିନ୍ଦମ ଦାଶଙ୍କ ପରିବାରଙ୍କୁ ସରକାର ୧କୋଟି ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମନୋଜ ସ୍ୱାଇଁ, ହରେକୃଷ୍ଣ ବେହେରା, ରାକେଶ ଲେଙ୍କା, ବଳରାମ ବେହେରା, ମନୋଜ ନାୟକ, ଉମେଶ ଚନ୍ଦ୍ର ମହାରଣା, ଉମାଶଙ୍କର ମହାପାତ୍ର, ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସୌମେନ୍ଦ୍ର ଦାସ, ଦୁର୍ଗାପ୍ରସାଦ ବେହେରା, ଗୌରାଙ୍ଗ ସ୍ୱାଇଁ, ଦିଲ୍ଲିପ ନାୟକ, ବାନାମ୍ବର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ବୀରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେବା ନିବୃତ୍ତଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): ସ୍ଥାନୀୟ କୋରୋ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ହରମୋହନ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମାନସଭୂଷଣ ପଣ୍ଡିତ ହୃଷିକେଶ ରଥ ମୁଖ୍ୟ ଅତିଥି, ପୂର୍ବତନ ଶିକ୍ଷାଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ୍ କାଶୀନାଥ ରାଉତରାୟ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସାମଲ, କୋରୋ ସରପଞ୍ଚ ତଅପୋଇ ମଲ୍ଲିକ, କୋରୋ ସିଆରସିସି ମହମ୍ମଦ ଜଲ୍ଲାଲୁଦ୍ଦିନ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପଲାଇ, ହରେକୃଷ୍ଣ ସିଂହ, ପଣ୍ଡିତ ରମେଶ ଚନ୍ଦ୍ର ଦାଶ ଏବଂ ବ୍ୟଙ୍ଗକବି ଅପର୍ତ୍ତିଚରଣ ସେଠୀ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀଙ୍କ କର୍ମମୟ ଜୀବନର ସଫଳତା ଉପରେ ଆଲୋକପାତ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡାଙ୍କ ନେତୃତ୍ୱରେ ରଶ୍ମିତା ସୂତାର ଓ ବୈଶାଖୀ ପରିଡା ବନ୍ଦେ ଉତ୍କଳ ଜନନୀ ଓ ପ୍ରାରମ୍ଭିକ ସଂଗୀତ ପରିବେଷଣ ଏବଂ ଆଶୁକବି ହେମନ୍ତ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ବିଦାୟୀ କର୍ମଚାରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଏବଂ ୟୁଟିଆ ସଂଗଠନ ପକ୍ଷରୁ ମାନପତ୍ର, ଅଙ୍ଗବସ୍ତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ହିମାଂଶୁ ଶେଖର ପରିଡା, ରଞ୍ଜନ କୁମାର ମଲ୍ଲିକ, ତପନ କୁମାର ଜେନା, ବିଭୁତି ଭୂଷଣ ଜେନା, ତୃପ୍ତିରେଖା ପରିଡା, ଦିପ୍ତୀରେଖା ପରିଡା, ରଘୁନାଥ ବେହେରା, କଜ୍ଜନା ଦାସ, ଅନନ୍ତ କୁମାର ଓଝା, କରୁଣାକର ସାହୁ ଏବଂ ହିମାଂଶୁ ଶେଖର ପଣ୍ଡା ଉତ୍ସବ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ରାଧାମୋହନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଦାଶଙ୍କ ବିୟୋଗରେ କ୍ଷୁଦ୍ର ଓ ମଧମ ସମ୍ବାଦପତ୍ର ମହାସଂଘର ଶୋକ



ବ୍ରହ୍ମପୁର (ପିଏନ୍): ଓଡ଼ିଶାର ଜଣେ ଜଣାଶୁଣା ବରିଷ୍ଠ ସାମ୍ବାଦିକ ତଥା ସାପ୍ତାହିକ ଜନତନ୍ତ୍ରର ପ୍ରତିଷ୍ଠାତା ସମ୍ପାଦକ ବିବେକାନନ୍ଦ ଦାଶଙ୍କ ବିୟୋଗରେ ଅଖିଳ ଭାରତ କ୍ଷୁଦ୍ର ଓ ମଧମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ସମ୍ପାଦକ ଥିବା ବେଳେ ଓଡ଼ିଶାରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ଅନ୍ୟାୟ ଛଟେଇ, ବହିଷ୍କାର ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ । ଜନତନ୍ତ୍ର ନାମକ ସମ୍ବାଦପତ୍ର ପ୍ରକାଶ କରି ରାଜ୍ୟର ପ୍ରମୁଖ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବାରେ ସମର୍ଥ ହୋଇପାରିଥିଲେ । ବିଶେଷକରି ଦଳିତ, ନିଷ୍ପେସିତ ଅଞ୍ଚଳର ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ପ୍ରୟାସ କରିଥିଲେ । ତାଙ୍କ ବିୟୋଗ ସାମ୍ବାଦିକ ମହଲରେ ଅପୂରଣୀୟ କ୍ଷତି ଘଟିଛି । ସେ କୌଣସି ପରିସ୍ଥିତିରେ ଜୀବନସାରା କାହା ସହିତ ସାଲିସ କରିନାହାନ୍ତି । ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମହାସଂଘ ସଭାପତି ଶ୍ରୀ ରଥ ସମବେଦନା ଜ୍ଞାପନ କରିଛନ୍ତି ।

## ଆତଙ୍କବାଦୀଙ୍କଦ୍ୱାରା ଶିକ୍ଷକଙ୍କ ହତ୍ୟା ଘଟଣାକୁ ଶୈକ୍ଷିକ ମହାସଂଘର ନିନ୍ଦା

କଟକ (ପିଏନ୍)-ଜାମ୍ମୁ-କାଶ୍ମୀରର ଶ୍ରୀନଗରଠାରେ ଆତଙ୍କବାଦୀମାନେ ଏକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଓ ଜଣେ ଶିକ୍ଷକଙ୍କୁ ଗୁଳିକରି ହତ୍ୟା କରିବା ଘଟଣାକୁ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପାଖକୁ ଏକ ଚିଠି ଲେଖି ସମର୍ପିତ ଶିକ୍ଷକମାନଙ୍କୁ ସେମାନଙ୍କ ପବିତ୍ର କର୍ତ୍ତବ୍ୟ ସମ୍ପାଦନଠାରୁ ଦୂରେଇଦେବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି । ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ସଙ୍ଗେସଙ୍ଗେ ନିହତ ଶିକ୍ଷକଦ୍ୱୟଙ୍କ ପରିବାରବର୍ଗଙ୍କୁ ସରକାରୀ ଚାକିରି ଓ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପାଇଁ ଡକ୍ଟର ମହାନ୍ତି ଦାବି କରିଛନ୍ତି ।

## ଓଡ଼ିଶାରେ ସରକାରୀ ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କରୋନା ସମୟରେ ରାଜ୍ୟ ସରକାର ଯେଉଁ ଅନଲାଇନ ଶିକ୍ଷା ବ୍ୟବସ୍ଥା କରିଛନ୍ତି ତାହା ଏକ ପ୍ରହସନ । ସୁତରାଂ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାଜ୍ୟ ସରକାର ଅନଲାଇନ ଶିକ୍ଷାଦାନ ସଂପର୍କରେ ଯେଉଁ ତଥ୍ୟ ଦେଉଛନ୍ତି ତାହା ଭ୍ରମାତ୍ମକ । ତାହାର ତାଳମେଳ ରହୁନାହିଁ ।

କିଛିଦିନ ତଳେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ଦାସ କହିଲେ ଓଡ଼ିଶାର ୬୨ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨ଲକ୍ଷ ଛାତ୍ରଛାତ୍ରୀଙ୍କ ପାଖରେ ଅନଲାଇନ ଶିକ୍ଷାଦାନ ପଂହଚି ପାରିଛି ଏବଂ ଆଉ ୪୦ଲକ୍ଷ ଛାତ୍ର ଛାତ୍ରୀ ଏଥିରୁ ବଂଚିତ ହୋଇଛନ୍ତି । ଗଣଶିକ୍ଷା ବିଭାଗର ସଚିବ ଶ୍ରୀ ସତ୍ୟବ୍ରତ ସାହୁ ମଧ୍ୟ କହିଲେ ମାତ୍ର ୪୦ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଏ ବ୍ୟବସ୍ଥାରେ ଶିକ୍ଷାଦାନ ଦେବା ସମ୍ଭବ ହୋଇଛି । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ ଏବେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା) ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୂଚନା ଦିଆଯାଇଛି ଯେ ରାଜ୍ୟରେ ମୋଟ ୧୫ଲକ୍ଷ ୮ ହଜାର ୯୩୭ ଛାତ୍ର ଛାତ୍ରୀଙ୍କ ନିକଟରେ ମୋବାଇଲ ବା କୌଣସି ବୈଦ୍ୟୁତିକ ସାମଗ୍ରୀ ନାହିଁ ଏବଂ ରାଜ୍ୟରେ ସମୁଦାୟ ୭୬ଲକ୍ଷ ୮୬ ହଜାର ୮୯୪ ଛାତ୍ରଛାତ୍ରୀ ଅଛନ୍ତି । ଯଦି ରାଜ୍ୟ ସରକାରଙ୍କ କହିବା ଅନୁଯାୟୀ ଜମା ୧୫ଲକ୍ଷ ୮ ହଜାର ୯୩୭ ଛାତ୍ରଛାତ୍ରୀ ଅନଲାଇନ ଶିକ୍ଷାଦାନ ପାଇଲେ ନାହିଁ । ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ୫୨ଲକ୍ଷ ୭୭ ହଜାର ୯୫୭ଜଣଙ୍କ ପାଖରେ ମୋବାଇଲ ବା କୌଣସି ବୈଦ୍ୟୁତିକ ସାମଗ୍ରୀ ଅଛି ! ରାଜ୍ୟ ସରକାର କାହିଁକି ଏଭଳି ଭ୍ରମାତ୍ମକ ତଥ୍ୟ ଦେଉଛନ୍ତି ? କ'ଣ ପାଇଁ ଶିକ୍ଷାମନ୍ତ୍ରୀ କହିଲେ ୬୨ ଲକ୍ଷରୁ ୪୦ ଲକ୍ଷ ଛାତ୍ରଛାତ୍ରୀ ଅନଲାଇନ ଶିକ୍ଷା ସୁବିଧା ପାଉନାହାନ୍ତି । ଏପଟେ ପୁଣି କହୁଛନ୍ତି ୫୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଖରେ ମୋବାଇଲ ସୁବିଧା ଅଛି । ସରକାର କେତେବେଳେ କଣ କହୁଛନ୍ତି ତାହାର ହିସାବ କିତାବ ରହୁନାହିଁ । ରାଜ୍ୟ ସରକାର ହ୍ୱାଟସଆପ ଓ ଡିଡି ଓଡ଼ିଆରେ ମଧୁ ଆପ କରି ଏ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଛନ୍ତି । ଓଡ଼ିଶାରେ ଟେଲି ସାନ୍ଦ୍ରତା ୭୬.୪୬ ଏବଂ ଏହାର ଜାତୀୟ ହାର ହେଉଛି ୮୭.୩୭ । ଜାତୀୟ ହାର ଠାରୁ ଓଡ଼ିଶା କମ । ଇଂଟରନେଟ ସୁବିଧାରେ ଜାତୀୟ ହାର ୫୫.୧୨ ପ୍ରତିଶତ ଥିବା ବେଳେ ଓଡ଼ିଶା ବହୁ ପଛରେ ରହିଛି । ଏହା ୪୩.୯୫ ପ୍ରତିଶତ ବୋଲି ଦି ଓୟାର ନାମକ ଏକ ସର୍ଭେରୁ ଜଣାପଡ଼ିଛି । ଓଡ଼ିଶାର ଗ୍ରାମାଂଚଳରେ ଏହା ୩୪.୫୧ ପ୍ରତିଶତ ବୋଲି ଜଣାପଡ଼ିଛି । ଏଣୁ ଇଂଟରନେଟର ଲିଙ୍କ ପାଇଁ ଛାତ୍ରଛାତ୍ରୀ ପାହାଡ଼ ଉପରକୁ ଚଢୁଛନ୍ତି ଏବଂ ସୀମାବର୍ତ୍ତି ଛାତ୍ରଛାତ୍ରୀ ଇଂଟରନେଟ ଲିଙ୍କ ପାଇବାପାଇଁ ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମା ଟପୁଛନ୍ତି । ରାୟଗଡ଼ାର ପଦ୍ମପୁର ଅନ୍ତର୍ଗତ କନ୍ଦୁରାଗୁଡ଼ା ଗାଁର ଛାତ୍ର ଆଦ୍ରିୟା ଜଗରଙ୍ଗ ଇଂଟରନେଟ ଲିଙ୍କ ପାଇଁ ପାହାଡ଼ ଉପରୁ ପଡ଼ି ମୃତ୍ୟୁବରଣ କରିଛି । ଏଭଳି ପରିସ୍ଥିତିରେ ଓଡ଼ିଶାର ଅନଲାଇନ ଶିକ୍ଷାଦାନ ଅବସ୍ଥା ରହିଛି । ପାବ ମୁଖ୍ୟମନ୍ତ୍ରୀ ୮୮ ହଜାର ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ଫୋନ ଦେଇସାରିବା ପରେ ବାକି ଲକ୍ଷେ ୭୫ ହଜାରଙ୍କୁ ଦେବାପାଇଁ ବ୍ୟବସ୍ଥା କଲେଣି । ଆମ ମୁଖ୍ୟମନ୍ତ୍ରୀ କେତେଜଣ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟଫୋନ ଦେଇଛନ୍ତି ?

ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ସ୍ମାର୍ଟ ଫୋନ ଦେବା ସହ ସବୁଆଡ଼େ ଇଂଟରନେଟ ସୁବିଧାର ତୁରନ୍ତ ବ୍ୟବସ୍ଥା କରିବାକୁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି । ଛାତ୍ରଛାତ୍ରୀ ହେଉଛନ୍ତି ଏ ରାଜ୍ୟର ଭବିଷ୍ୟତ । ମୁଖ୍ୟମନ୍ତ୍ରୀ ଏହାର ବିଚାର ନକଲେ ଛାତ୍ର କଂଗ୍ରେସ ଏହି ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇବ । ଏହି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଂପାଦିକା ସୁଶ୍ରୀ ଅନୁଲେଖା ବୋଶା କହିଥିଲେ ଯେ ନବୀନ ସରକାର ଏକ ପ୍ରଚାରଧର୍ମୀ ସରକାର । ସେ ଏ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପ୍ରତାରିତ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ତୁରନ୍ତ ସ୍ମାର୍ଟଫୋନ ଯୋଗାଇଦେଲେ ଅନଲାଇନ ଶିକ୍ଷାଦାନ ସଫଳ ହୋଇପାରିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସଂପାଦକ ସାଗର ପଟ୍ଟନାୟକ, କାର୍ତିକ କାଣ୍ଡି ଓ ସୌରଭ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ




କେନ୍ଦ୍ରାପଡ଼ା (ପିଏନ୍) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସରକାରଙ୍କ କୃଷି, କୃଷକ ଓ ଜନବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ୩ କଳା କୃଷି ଆଇନ ଦେଶର କୃଷକମାନେ ଦୀର୍ଘ ୧୧ମାସ ହେଲା ଦେଶବ୍ୟାପି ଆନ୍ଦୋଳନ ଚଳାଇଥିବା ବେଳେ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି । ଏପରିକି ୮ମାସରୁ ଅଧିକକାଳ ହେଲା ଦିଲ୍ଲୀସୀମାରେ ଧାରଣାରତ କୃଷକମାନଙ୍କ ସହ ଆଲୋଚନା କରିବାକୁ ମଧ୍ୟ ଉଚିତ ମନେକରୁନାହାନ୍ତି । କୃଷକମାନଙ୍କ ପ୍ରତି ସରକାରଙ୍କ ଏପରି ନକରାତ୍ମକ ମନୋଭାବ ଥିବା ସମୟରେ ସରକାରଙ୍କ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ତଥା ବିଜେପି ଶାସିତ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ କୃଷକମାନଙ୍କ ବିରୋଧରେ ବିଭିନ୍ନ ପ୍ରତିଶୋଧାତ୍ମକ ଓ ବିଦ୍ୱେଶ ଉଦ୍ରେକକାରୀ ମନ୍ତବ୍ୟମାନ ଦେଇଚାଲିଛନ୍ତି । ଫଳରେ ଦଳୀୟକର୍ମୀ ଓ ଅଧିକାରୀମାନେ ଉତ୍ସାହିତ ହୋଇ କୃଷକମାନଙ୍କ ବିରୋଧରେ ଥରକୁ ଥର ଆକ୍ରମଣାତ୍ମକ ଘଟଣାମାନ ଘଟାଇ ଚାଲିଛନ୍ତି । ଗତ ୩ତାରିଖରେ ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରୀ ଠାରେ କେନ୍ଦ୍ର ଘରୋଇ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ର ତାଙ୍କ ସହଯୋଗୀମାନଙ୍କ ସହ ମିଶି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରତ କୃଷକମାନଙ୍କ ଉପରେ ଗାଡି ଚଢାଇ ଓ ଗୁଳିକରି ୬ଜଣ କୃଷକଙ୍କୁ ହତ୍ୟା କରିଥିବା ବେଳେ ୧୦ଜଣ କୃଷକ ଆହତ ହୋଇଛନ୍ତି । ଏଥିମଧ୍ୟରେ ୫ଦିନ ବିତି ଯାଇଥିଲେ ମଧ୍ୟ ଅପରାଧୀମାନେ ସରକାରୀ ସୁରକ୍ଷା ବଳୟ ମଧ୍ୟରେ ରହିଥିବା କାରଣରୁ ସ୍ୱଷ୍ଟ ଦିବାଲୋକରେ ବୁଲୁଥିଲେ ମଧ୍ୟ ଗିରଫ ନହେବା ଦୁର୍ଭାଗ୍ୟଜନକ । ତେଣୁ ସିପିଆଇ ଜାତୀୟ ପରିଷଦର ଦେଶବ୍ୟାପି ପ୍ରତିବାଦ ଆନ୍ଦୋଳନ ଆହ୍ୱାନ ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ସଂପୃକ୍ତ ଘଟଣାର ଅଭିଯୁକ୍ତମାନଙ୍କୁ ଅବିଳମ୍ବେ ଗିରଫ କରାଯିବା, ତଦନ୍ତ ପ୍ରକ୍ରିୟାକୁ ଚାପମୁକ୍ତ କରିବା ପାଇଁ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କୃତ କରାଯିବା, କୃଷକ ବିରୋଧୀ ୩କଳା କୃଷି ଆଇନକୁ ବିନା ସର୍ତ୍ତରେ ଅବିଳମ୍ବେ ପ୍ରତ୍ୟାହାର କରାଯିବା, ମନ୍ତ୍ରୀ ଓ ସରକାରୀ ଦଳର ବିଧାୟକ ଏବଂ ସାଂସଦମାନେ ଆନ୍ଦୋଳନକାରୀଙ୍କ ବିରୋଧରେ କୌଣସି ପ୍ରକାର ଘୃଣା ସୃଷ୍ଟିକାରୀ ଉତ୍ତେଜନାତ୍ମକ ମନ୍ତବ୍ୟ ନଦେବା ପାଇଁ ସରକାରଙ୍କ ଘୋଷଣା ଦାବି କରାଯାଇଛି । ସିପିଆଇର ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସହସମ୍ପାଦକ ଆଦିକନ୍ଦ ରାଉଳ, ଏ.ଆଇ.ଟି.ୟୁ.ସି. ସଭାପତି ବାବାଜୀ ଧଳ, ବିକାଶ ଚନ୍ଦ୍ର ବେଉରା, ସୁହାନା ବେଗମ, ନିରଞ୍ଜନ ଦାସ, ଭଜହରି ପ୍ରଧାନ, ପଦ୍ମନାଭ ଦାସ, ସୀତାକାନ୍ତ ନାୟକ, ଚିତ୍ତରଞ୍ଜନ ମହାନ୍ତି, ଅକ୍ଷୟ ମଲ୍ଲିକ ପ୍ରମୁଖ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ବଡମାଣିତିଆ ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଡମାଣିତିଆ ଗ୍ରାମରେ ଅଭୟଦାୟିନୀ, ଦୁର୍ଗତୀ ନାଶିନୀ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଛି । କୋଭିଡ୍ ନିୟମ ଅନୁପାଳନ ପୂର୍ବ ଅନୁଷ୍ଠିତ ଏହି ପୂଜା ଦୀର୍ଘ ୨୯ବର୍ଷ ଧରି ଲଗାତର ଭାବେ ବଡମାଣିତିଆ ମଣ୍ଡପରେ ଷୋଡଶ ଉପଚାରରେ ଅନୁଷ୍ଠିତ ହୋଇ ଆସୁଛି । ଗ୍ରାମାଞ୍ଚଳରେ ଏହି ପୂଜା ରୀତିନୀତି ମୁତାବକ ପାଳନ କରାଯାଉଥିବାରୁ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ । କିନ୍ତୁ କୋଭିଡ କଟକଣା ଯୋଗୁଁ ଏଥିରେ ବାଧା ସୃଷ୍ଟି ହୋଇଥିଲେ ମଧ୍ୟ ପରମ୍ପରାକୁ ବଜାୟ ରଖାଯାଇ ମା'ଙ୍କ ପୂଜା ଆନନ୍ଦ ଓ ଉଲ୍ଲାସର ସହ କରାଯାଇଛି ବୋଲି ବଡମାଣିତିଆ ଗ୍ରାମନିବାସୀ ତଥା କେନ୍ଦ୍ରାପଡା ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା କହିଛନ୍ତି । ଏହି ପୂଜା ସହିତ ୫ଦିନ ବ୍ୟାପୀ ଯଜ୍ଞୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଛି । ସୋମବାର ଷଷ୍ଠୀରେ ବିଲ୍ୱବରଣ, ମଙ୍ଗଳବାର କଳସାଧିବାସ ଆଦି ପୂଜା ପାରମ୍ପରିକ ରୀତିରେ ହୋଇଥିବା ବେଳେ ବୁଧବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି । ନବମୀ ପୂଜା ପରେ ଦଶହରା ଦିନ ମା'ଙ୍କୁ ବିସର୍ଜନ କରାଯାଇଥିଲା ।

## ଯୁବ କଂଗ୍ରେସ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାରେ ପିସିସି ପକ୍ଷରୁ ତ୍ୱରିତ ପଦକ୍ଷେପ

ଭୁବନେଶ୍ୱର (ପିଏନ୍)- ପ୍ରଦେଶ ଯୁବ କଂଗ୍ରେସ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ଘଟଣାରେ ଦାୟିତ୍ୱରେ ଅବହେଳା ଯୋଗୁଁ ରାତ୍ର ଜଗୁଆଳି (ୱାଚମ୍ୟାନ)ଙ୍କୁ ନିଲମ୍ବନ କରାଯାଇଅଛି । ଅପରପକ୍ଷେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କୁ ଦାୟିତ୍ୱ ଦେଇଛନ୍ତି । ଶ୍ରୀ ଦାଶ ଖୁବଶୀଘ୍ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦେଶ କଂଗ୍ରେସ କମିଟିକୁ ପ୍ରଦାନ କରିବାପାଇଁ କୁହାଯାଇଛି ।




## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପାରିବାରିକ ଗଣ୍ଡଗୋଳକୁ ନେଇ ଗୁଳିକାଣ୍ଡ,ଅଭିଯୁକ୍ତ ଗିରଫ,ଦୁଇ ରାଉଣ୍ଡ ଗୁଳି ଓ ବନ୍ଧୁକ ଜବତ



ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ସଦର ମହକୁମାର ନୂଆସାହିରେ ଶୁକ୍ରବାର ଦିନ ଅପରାହ୍ନରେ ପାରିବାରିକ ଗଣ୍ଡଗୋଳକୁ ନେଇ ଗୁଳିକାଣ୍ଡ ଘଟି ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ପୋଲିସ ସୂଚନା ଅନୁଯାୟୀ ଆଦିତ୍ୟ ରଥଙ୍କ ଘରେ ନୟାଗଡ ଜିଲ୍ଲା ଓଡଗାଁର ବିଭୂତି ଜେନାଙ୍କ ଘରେ ଭଡାରେ ରହି ମିସ୍ତ୍ରୀ କାମ କରିଆସୁଥିଲେ । ଶ୍ରୀ ରଥଙ୍କ ପତ୍ନୀ ବିଦ୍ୟୁତପ୍ରଭା (ମିଲି)ନିଜ ବାପଘର ସିମୋର ଗ୍ରାମର ଅବସରପ୍ରାପ୍ତ ସାମରିକ କର୍ମଚାରୀ ପ୍ରସନ୍ନ ନାୟକଙ୍କ ଠାରୁ ଟଙ୍କା ଧାର ସୂତ୍ରରେ ଆଣିଥିଲେ । ଶୁକ୍ରବାର ଦିନ ଅପରାହ୍ନରେ ଶ୍ରୀ ନାୟକ ଧାର ଟଙ୍କା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଚସା ହେଉଥିବା ସମୟରେ ବିଭୂତି ଆସି ଏଥିରୁ ନିବୃତ ହେବାକୁ କହିଥିଲେ । ଏଥିରେ ଶ୍ରୀ ନାୟକ ଉତକ୍ଷିପ୍ତ ହୋଇ ବନ୍ଧୁକ ବାହାର କରି ଶ୍ରୀ ଜେନାଙ୍କ ଛାତିରେ ଗୁଳି କରି ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଏମସ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା । ଘଟଣା ସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜକିଶୋର ବୋରା ପହଞ୍ଚି ପୋଲିସକୁ ଦୁଇଟି ଟିମରେ ବିଭକ୍ତ ହୋଇ ତଦନ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ପୋଲିସ ଅଭିଯୁକ୍ତ ପ୍ରସନ୍ନ ନାୟକଙ୍କ ଠାରୁ ବନ୍ଧୁକ, ଦୁଇଟି ଗୁଳି ଓ ବାଇକ ଜବତ କରି ନିବାର ଦିନ କୋର୍ଟ ଚାଲାଣ କରିଛି ।

# କୋଣାର୍କ ଭଗବତୀ ମହାବିଦ୍ୟାଳୟ ପକ୍ଷରୁ ସପ୍ତଦିବସୀୟ ସେବା ଶିବିର

କୋଣାର୍କ : କୋଣାର୍କ ଭଗବତୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଗତ ୧୩ ତାରିଖଠାରୁ କୋଣାର୍କ ଏନଏସି ଅନ୍ତର୍ଗତ ୧୧ନମ୍ବର ୱାର୍ଡର ନକଲଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଛି ସପ୍ତଦିବସୀୟ +୨ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିରର । ମହାବିଦ୍ୟାଳୟର +୩ର କାର୍ଯ୍ୟକ୍ରମ ସଂଯୋଜକ ପ୍ରଭାକର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସପ୍ତଦିବସୀୟ ଜାତୀୟ ସେବା ଯୋଜନା ଶିବିରକୁ ଅବସରପ୍ରାପ୍ତ ଅଧ୍ୟାପକ ଶରତ ପ୍ରଧାନ, ଖୋଲାର ସମ୍ପାଦକ ହରିହର ଦାଶ, ସମାଜସେବୀ ସୁବାଷ ବରାଳ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପକ ସୁରେନ୍ଦ୍ର ଖଟୁଆ ଉପସ୍ଥିତ ଥିଲେ । ଶିବିରାର୍ଥୀମାନେ ଗ୍ରାମର ବିଭିନ୍ନ ଗଳି କନ୍ଦି, ସ୍କୁଲ, ରାସ୍ତାଘାଟ ଓ ଗ୍ରାମ୍ୟ ମନ୍ଦିରରେ ପଡି ରହିଥିବା ଅଳିଆ ଅବର୍ଜନାକୁ ସଫେଇ କରିବା ସହ ସ୍ୱଚ୍ଛତା ସମ୍ପର୍କରେ ଗ୍ରାମବାସୀମାନଙ୍କୁ ସଚେତନ କରାଉଛନ୍ତି । ଏଥିସହ ଶିବିରାର୍ଥୀମାନେ ପ୍ରତ୍ୟେକଙ୍କ ଘରକୁ ଯାଇ ମହାମାରୀ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସଚେତନ କରାଇବାସହ ସ୍ୱାଇନଫ୍ଲୁ, ମେଲେରିଆ, ଜଳ ଓ ବାୟୁବାହିତ ରୋଗରୁ କିଭଳି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଉଥିବା ବେଳେ କନ୍ୟାଭ୍ରୁଣ ହତ୍ୟା ନ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି । 'କନ୍ୟାରତନ କର ଯତନ' ନାରାକୁ ଗ୍ରାମର ପ୍ରତ୍ୟକ ବ୍ୟକ୍ତିଙ୍କୁ ଜଣାଇବା ସହ ପରିବାରର ପ୍ରତ୍ୟକ ସଦସ୍ୟଙ୍କୁ ସ୍ୱାକ୍ଷର ହେବା ପାଇଁ ଅନୁରୋଧ କରୁଛନ୍ତି ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୮ ତାରିଖ ସାରା ଦେଶରେ ଦିଆଯାଇଥିବା ରେଲରୋକ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର :ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରି କୃଷକ ଗଣହତ୍ୟା ଘଟଣାରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିବା ଅପରାଧୀ ମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡଦେବା ଏବଂ କୃଷକ ବିରୋଧୀ ତିନି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ଆସନ୍ତା ୧୮ ତାରିଖ, ସୋମବାର ସାରାଦେଶରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ୬ ଘଂଟିଆ ରେଲରୋକ ଡାକରାକୁ ଭାରତୀୟ ଜାତୀୟ କଂଗ୍ରେସର ସମର୍ଥନ କରିବାପାଇଁ ନିଷ୍ପତି ନେଇଛି ବୋଲି ପିସିସି ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଆଜି ଭାରତ ବର୍ଷରେ ଚାଲିଥିବା ଅନ୍ୟାୟ, ଅବିଚାର, ଅତ୍ୟାଚାର, କୃଷକ ଗଣହତ୍ୟା, କୃଷକ ଶ୍ରମିକ ମାରଣନୀତି, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି, କ୍ରମବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟା, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଏବଂ ମହିଳା ମାନଙ୍କ ବିରୋଧରେ ହିଂସା ଆକ୍ରମଣ ଇତ୍ୟାଦି ସବୁ ପାଇଁ କେନ୍ଦ୍ରର ମୋଦି ସରକାର ଦାୟୀ । ମୋଦି ସରକାର ହେଉଛନ୍ତି ଦେଶ ଏବଂ ବିଦେଶବାସୀଙ୍କ ଶତ୍ରୁ । ଏହି ମର୍ମରେ ଜିଲ୍ଲାସ୍ତରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସାରା ରାଜ୍ୟରେ ରେଲରୋକ କାର୍ଯ୍ୟକ୍ରମକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାପାଇଁ ପିସିସି ସଭାପକତି ଶ୍ରୀ ପଟ୍ଟନାୟକ ଜିଲ୍ଲା ସଭାପତି ମାନଙ୍କୁ ପତ୍ର ଲେଖିଛନ୍ତି । ରାଜ୍ୟର ସମସ୍ତ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ସାମୁଖ୍ୟ ଓ ପ୍ରକୋଷ୍ଠର କର୍ମକତା, ସାଂସଦ ଓ ବିଧାୟକ ପ୍ରାର୍ଥି, କୃଷକ, ଶ୍ରମିକ ଓ ଜନସାଧାରଣ ଆସନ୍ତା ୧୮ ତାରିଖ, ସୋମବାର ଦିନ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ରେଲରୋକରେ ସାମିଲ ହୋଇ ରେଲରୋକ ଡାକରା କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର କହିଛନ୍ତି ।

# ମା' ଦୁର୍ଗାଙ୍କ ପୂଜାକୁ ନେଇ କୋଣାର୍କ ଉତ୍ସବମୁଖର

କୋଣାର୍କ : ଗତ ସେପ୍ଟେମ୍ବର ମାସ ୨୯ତାରିଖ (ବୁଧବାର) ମୂଳାଅଷ୍ଟମୀ ତୀଥିରେ ଧରାପୃଷ୍ଠକୁ ଦୁର୍ଗତିନାସିନୀ ମା' ଦୁର୍ଗା ଦେବୀ ଆଗମନ କରିଛନ୍ତି । ଏହି ଅବସରରେ ଉତ୍ସବ ମୁଖର ହୋଇ ଉଠିଛି ଧରାପୃଷ୍ଠ । ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳ । ମହାମାରୀ କରୋନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଭିଡ-୧୯ କଟକଣା ଥିବାରୁ ଏହି ପାର୍ବଣ ଋତୁ ସମୟରେ ସବୁ ଶକ୍ତି ପୀଠମାନଙ୍କରେ ନିୟମାନୁଯାୟୀ ଦେବୀଙ୍କ ଷୋଳ ପୂଜା ପୁରପଲ୍ଲିରେ ପାଳିତ ହେଉଛି । ଷୋଳ ପୂଜା ଅବସରରେ କୋଣାର୍କ ବାସିନ୍ଦାଙ୍କ ମନରେ ମା' ଦୂର୍ଗାଙ୍କ ପୂଜାକୁ ନେଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ମା'ଙ୍କ ପୂଜାକୁ ସରସ ସୁନ୍ଦର କରିବା ପାଇଁ ଏ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ସୁସଜିତ ପୂଜାମଣ୍ଡପ ନିର୍ମାଣ କରାଯାଇ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି । କୋଣାର୍କର ଶ୍ରୀ ନରସିଂହଦେବ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିର ନିକଟସ୍ଥ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗାପୂଜାର ସମସ୍ତ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ମହାସମାରୋହରେ ପାଳିତ ହେଉଛି । ୧୧ତାରିଖ ସୋମବାର ଷଷ୍ଠୀରେ ମା'ଙ୍କୁ ଜଳାଭିଷେକ ଓ ବିଲ୍ୱବରଣୀ କରାଯାଇଥିବା ବେଳେ ମଙ୍ଗଳବାର ମହାସପ୍ତମୀ ତିଥିରେ ଚକ୍ଷୁଦାନ ଓ ପ୍ରାଣ ପ୍ରତିଷ୍ଠା କରାଯାଇ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି । ବୁଧବାର ମହାଅଷ୍ଟମୀ, ଗୁରୁବାର ମହାନବମୀ ଏବଂ ଶୁକ୍ରବାର ବିଜୟା ଦଶମୀ ପୂଜା ରୀତିନୀତି ଅନୁଯାୟୀ ଆୟୋଜିତ ହେଉଅଛି । ମା'ଙ୍କ ଦର୍ଶନ ନିମନ୍ତେ କୋଭିଡ-୧୯ ନିୟମାନୁଯାୟୀ ସ୍ଥାନୀୟ ଶ୍ରର୍ଦ୍ଧାଳୁ ଓ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନ ସାମାଜୀକ ଦୂରାତକୁ ଅନୁପାଳନ କରି ମା'ଙ୍କ ଆଶିସ ଲାଭ କରୁଥିବା ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଆୟୋଜକମାନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଦେବୀଙ୍କ ପୂଜାର୍ଚ୍ଚନା ସ୍ଥାନୀୟ ଅଞ୍ଚଳର ପୂଜକମାନେ କରୁଥିବାବେଳେ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ୧୬ତାରିଖରେ ଚନ୍ଦ୍ରଭାଗାର ମହୋଦଧିରେ ମା'ଙ୍କୁ ବିଶର୍ଜନ ଦିଆଯିବା ବୋଲି କର୍ମକର୍ତ୍ତାମାନେ ସୁଚନାଦେଇଛନ୍ତି । ପୂଜା ସମୟରେ ଶାନ୍ତି ସୃଙ୍ଖଳା ରକ୍ଷାକରିବା ପାଇଁ ପୁଲିସ ପ୍ରସାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥତା ଗୁରୁତ୍ତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଯୁବକକୁ ମାରଣନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୃର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

# ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟାପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗନ୍ତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

# ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

# ତ୍ରିରାଙ୍ଗରେ ଉଦଭାସିତ ହେଲା ସୂର୍ଯ୍ୟ ମନ୍ଦିର

କୋଣାର୍କ : ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରମୁଖ ଐତିହ୍ୟ ପୀଠକୁ ସନ୍ଧ୍ୟା ସମୟରେ ଭାରତର ଜାତୀୟ ପତାକର ସଦୃଶ୍ୟ ତିନି ରଙ୍ଗର ଆଲୋକରେ ଆଲୋକିତ କରାଯାଇଛି । ଏହି କ୍ରମରେ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିରକୁ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପି ମନ୍ଦିରର ପାଦଦେଶରୁ ଚୁଡା ପର୍ଯ୍ୟନ୍ତ ଜାତୀୟ ପତାକାର ରଙ୍ଗ ଆଲୋକିତ କରାଯାଇଥିଲା । ସନ୍ଧ୍ୟା ସମୟରେ ସୂର୍ଯ୍ୟ ମନ୍ଦିର ତିନିରଙ୍ଗର ଆଲୋକରେ ଉଦଭାସିତ ହୋଇ ଉଠିଥିବା ବେଳେ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥିଲା ।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଋଷ ଦେଶର ଟ୍ୟାଙ୍କ୍



କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆସିଛି ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧରେ ବ୍ୟବହୃତ ହୋଇଥିବା ଋଷ ଦେଶର ଟ୍ୟାଙ୍କ୍ ଟି-୫୫ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମର ଭାବ ଜାଗ୍ରତ କରିବା ପାଇଁ ଟ୍ୟାଙ୍କକୁ ଏଠାକୁ ଅଣାଯାଇଛି । ସେହିପରି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି)ର କ୍ୟାଡେଟ୍‌ଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀମାନେ ସେନାରେ ଯୋଗଦେବା ପାଇଁ ଏହି ଟ୍ୟାଙ୍କ ସେମାନଙ୍କୁ ଉତ୍ସାହିତ କରିପାରିବ । ପୂର୍ବତନ ସେନା ମୁଖ୍ୟ ତଥା ବର୍ତ୍ତମାନର ଡିଫେନ୍ସ ଷ୍ଟାଫ ଜେନେରାଲ ବିପିନ ରାଓ୍ୱତଙ୍କ ଅନୁମୋଦନ କ୍ରମେ ଏହି ଟ୍ୟାଙ୍କକୁ ଏଠାକୁ ଅଣାଯାଇଛି । ଏହି ଟ୍ୟାଙ୍କର ଓଜନ ୩୭ ଟନ୍ ରହିଛି, ଏହାର ଲମ୍ବ ୩୬ ଫୁଟ୍ ୬ ଇଞ୍ଚ, ୧୦ ଫୁଟ୍ ୮ ଇଞ୍ଚ ହେଉଛି ଚଉଡା ଓ ୯ ଫୁଟ୍ ହେଉଛି ଏହାର ଉଚ୍ଚତା । ଏହି ଟ୍ୟାଙ୍କଟି ପାକ ସେନା ବିରୋଧରେ ଲଢେଇ କରି ଭାରତକୁ ବିଜୟୀ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ପୁଣେ ଠାରେ ଥିବା ସେନା ବାହିନୀ କାର୍ଯ୍ୟାଳୟରେ ଏହା ୧୯୭୧ ମସିହା ଭାରତ ପାକିସ୍ତାନ ଯୁଦ୍ଧ ପରେ ରହିଥିଲା । ସେଠାରୁ ଗତ ୧୧ ତାରିଖରେ ଲୋଡ ହୋଇ ଶନିବାର କେନ୍ଦ୍ରାପଡ଼ାରେ ପହଞ୍ଚିଥିଲା । ଏହାକୁ ଯୁଦ୍ଧ ଟ୍ରଫି ଭାବେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଛି । ଏଥିପାଇଁ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପକ୍ଷରୁ ଏକ ଲକ୍ଷ ୧୪ ହଜାର ଟଙ୍କା ପୈଠ କରାଯାଇଛି । ଏଥିସହ ପରିବହନ ଖର୍ଚ୍ଚ ମଧ୍ୟ କଲେଜ ବହନ କରିଛି । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଗଣମାଧ୍ୟମକୁ କହିଛନ୍ତି ଯେ ଆମ ମହାବିଦ୍ୟାଳୟର କେତେକ ପୂର୍ବତନ ଛାତ୍ର ସେନାବାହିନୀରେ ଅଛନ୍ତି । ଏହି ଟ୍ୟାଙ୍କ୍ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ଆସିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଟ୍ୟାଙ୍କ ଏଠାକୁ ଅଣାଯିବା ପାଇଁ କଲେଜ ପକ୍ଷରୁ ବିଧିବଦ୍ଧ ଭାବେ ସେନା ମନ୍ତ୍ରଣାଳୟକୁ ନିବେଦନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଭାବ ବୃଦ୍ଧି କରିବା ସହିତ ସେନାବାହିନୀରେ ଯୋଗଦେବା ପାଇଁ ଏହି ଟ୍ୟାଙ୍କ୍ ସେମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କଲେଜ ଅଧ୍ୟକ୍ଷ ଡଃ. ତ୍ରିପାଠୀ କହିଛନ୍ତି ।

# କାଫେ ଚାଟର ଭୁବନେଶ୍ୱରରେ ଏହାର ପ୍ରଥମ ଆଉଟଲେଟ ଖୋଲିଲା

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱର ବ୍ୟସ୍ତବହୁଳ ଜୀବନରେ ଇଲେକ୍ଟିକ ମେନୁ, ଅଦ୍ୱିତୀୟ ପରିବେଶ ଏବଂ ଅନନ୍ୟ ଅନୁଭୂତି ଉପଲବ୍ଧ ପାଇଁ କାଫେ ଇଣ୍ଡିଷ୍ଟିଂକ୍ଟ ଚାଟର ଏହାର ପ୍ରଥମ ଆଉଟ୍‌ଲେଟ୍ ଖୋଲିଛି । ଏହା ଗ୍ରାହକଙ୍ଗ୍‌ତକୁ ରୋମାଂଚକର ଅନୁଭୁତି ପ୍ରଦାନ କରିବାକୁ ସକ୍ଷମ ହେବ । ଦୟାକରି ଆପଣ ସେଠାରେ ପାଦ ଦିଅନ୍ତୁ ଏବଂଯ ଏହାର ସୌନ୍ଦର୍ଯ୍ୟର ରଙ୍ଗରେ ଆତ୍ମହରା ହୁଅଁୁ । କାଫେକୁ ୩ ଭାଗରେ ବିଭକ୍ତ କରାଯାଇଛି । ଅଧିକ ଲୋକ ଏକାସାଙ୍ଗରେ ବସିବା,ର ଫ୍ରେଣ୍ଡସ୍ ଟେବୁଲ ଏବଂ ଆରାମଦାୟକ ଇନଡୋର ସେଟଅପ୍ ଆଦି ୩ ପ୍ରକାର ସୁବିଧା ଏଠାରେ ରହିଛି । ଏହା ସହିତ ଫଟୋଗ୍ରାଫ, ଶୁଟିଂ ପାଇଁ ମଧ୍ୟ ସୁବିଧା ରହିଛି । ଏଠାରେ ପାରମ୍ପରିକ ହସ୍ତଶିଳ୍ପର ଝଲକ ମଧ୍ୟ ରହିଛି । ବିଶ୍ୱସ୍ତରୀୟ ସୁସ୍ୱାଦୁ ଖାଦ୍ୟ ଏଠାରେ ଉପଲବ୍ଧ । ଏହାର ମେନୁରେ ନେପୋଲିଟାନ ହ୍ୟାଣ୍ଡ-ଟସ ପିଜା, କ୍ଲାସିକ ଇଟାଲୀୟ ପାସ୍ତା, ଫିଙ୍ଗର ଫୁଡସ୍ ବିସ୍ତୃତ ବର୍ଗ ସହିତ କଫିର ସୁବିଧା ମଧ୍ୟ ରହିଛି ।ଏହି କାଫେକୁ ଅବସରପ୍ରାପ୍ତ ରିଡର ଡକ୍ଟର ସତ୍ୟବ୍ରତ ଦାସ ଏବଂ ତାଙ୍କ ପୁତୁରା ଶ୍ରୀଦତ ଦାସ ପରିଚାଳନା କରୁଛନ୍ତି । ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ଅଭିଜ୍ଞତା ଆଣିବାର ଉଦ୍ୟମ ସେମାନେ ଜାରି ରଖିଛନ୍ତି । ଆମେ ନିଶ୍ଚିତ ଯେ ଇଣ୍ଡିଷ୍ଟିଂକ୍ଟ ଚାଟର ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିବ ଏବଂ ବିଶ୍ୱସ୍ତରୀୟ ପରମ୍ପରାକକୁ ଏକତ୍ର କରିବାରେ ସହାୟକ ହେବ । ଏହା ସହିତ ଏଠାରେ ବେକେରୀ ସୁବିଧା ମଧ୍ୟ ଉପଲବ୍ଧ । ଗ୍ରାହକ ଥରେ ଏଠାକୁ ଆସିଲେ ଅନ୍ୟ ସବୁ ଭୁଲି ଯିବେ ବୋଲି ସେମାନେ ପ୍ରକାଶ କରିଛନ୍ତି । ସୋସିଆଲ୍ ମିଡ଼ିଆ ଇନଷ୍ଟାଗ୍ରାମ୍‌ରେ https://www.instagram.com/cafe.chatter/ ଦ୍ୱାରା କାଫେ ଚାଟର ସମ୍ପର୍କରେ ଜାଣି ହେବ । ବ୍ରାଣ୍ଡର ଉନ୍ମୋଚନ ଅଭିଯାନ 'ଲାଇକ ନେଭର ବିଫୋର' ଭଳି ସମ୍ପନ୍ନ ହୋଇଛି । ଏହା ଶହୀଦ୍‌ନଗରର ଆଙ୍ଗନ ରେଷ୍ଟୁରାଂଟ୍ ନିକଟରେ ଖୋଲା ଯାଇଛି । ଯୋଗାଯୋଗ ପାଇଁ ମୋବାଇଲ୍ ନଂ- ୯୫୯୧୧୫୯୬୫୭କୁ ବ୍ୟବହାର କରାଯାଇ ପାରେ ।



# ଦଶହରା ପର୍ବରେ ପାଇକ ପୁଅର ଅସ୍ତ୍ର ପୂଜନ କାର୍ଯ୍ୟକ୍ରମ

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନା ଅନ୍ତର୍ଗତ ସିମୋର ପଂଚାୟତର କଂଟାମଳିମ ଗ୍ରାମରେ ବିଜୟା ଦଶମୀରେ ପାଇକ ପୁଅର ଅସ୍ତ୍ର ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ପ୍ରଥମେ ପାଇକପୁଅମାନେ ବିଭିନ୍ନ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ଗଜପତିଙ୍କ ଦ୍ୱାରା ପ୍ରଦତ ପାଟ୍ଟଖଣ୍ଡାକୁ ଶୁଭେନ୍ଦୁ କୁମାର ବଳିୟାରସିଂହ ନେତୃତ୍ୱରେ ଦଶହରା ପଡିଆରେ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ହୋଇଥିଲା । ପରେ ଖଣ୍ଡାୟତ କଳ୍କୀସେନାର ରାଜ୍ୟ ସଭାପତି ଯୋଗୀନାଥ ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୀର କିଶୋର ପଣ୍ଡା ମୁଖ୍ୟ ଅତିଥି,ଶିକ୍ଷକ ରତିକାନ୍ତ କହଲସିଂହ ମୁଖ୍ୟବକ୍ତା,ସମାଜସେବୀ ହାଡୁବନ୍ଧୁ ମହାପାତ୍ର,ଶିକ୍ଷକ ଅଖିଳେଶ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପାଇକ ପୁଅର ଭୂମିକା ଓ ଅସ୍ତ୍ରର ରଣ ହୁଙ୍କାର ସମ୍ପର୍କରେ ମତବ୍ୟକ୍ତ କରିଥିଲେ । କବି ବିନୋଦ ବିହାରୀ ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଧୁଡିକି ଗାୟକ ରମେଶ ଚନ୍ଦ୍ର ମହାପାତ୍ର ଆବାହନୀ ସଙ୍ଗୀତ ଗାନ କରିଥିଲେ ।ଏଥିରେ ପାଇକ ଗୁରୁ ପୂର୍ଣ୍ଣଚନ୍ଦ୍ର ବଳବନ୍ତଙ୍କ ତତ୍ତ୍ୱାବଧାନରେ ମା କାଳିକା ପାଇକ ଆଖଡା ସଂଘର ପାଇକମାନେ ଖେଳ ପ୍ରଦର୍ଶନ କରିଥିଲେ । ଶେଷରେ ନୃସିଂହ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।




Bhubaneswar Sunday October 17, 2021 | ଭୁବନେଶ୍ୱର ରବିବାର, ଅକ୍ଟୋବର ୧୭,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮


# ମେରୁଦଣ୍ଡ ରୋଗ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ଏବଂ ଶୀଘ୍ର ଚିକିତ୍ସା କରିବା ଅତ୍ୟନ୍ତ ଜରୁରୀ ଅଟେ



ଭୁବନେଶ୍ୱର : ବାର୍ଦ୍ଧକ୍ୟ ପ୍ରକ୍ରିୟା ହେତୁ ସାଧାରଣ ଟିସୁ ଗଠନ ଏବଂ କାର୍ଯ୍ୟର କ୍ଷୟକୁ ଡିଜେନେରେଟିଭ୍ ରୋଗ ବୋଲି କୁହାଯାଏ । ଇଂଟରଭର୍ଟେବ୍ରାଲ୍ ଡିସ୍କ, ମେରୁଦଣ୍ଡ ଶରୀର କିମ୍ବା ଫେସେଟ୍ ଗଣ୍ଠି ସବୁ ଜଡିତ ହୋଇ ଯନ୍ତ୍ରଣା ହୁଏ । ବିଶ୍ୱ ମେରୁଦଣ୍ଡ ଦିବସରେ, ଲକ୍ଷଣଗୁଡିକ ଚିହ୍ନିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ ଏବଂ ଯେପରିକି ପିଠି କିମ୍ବା ମେରୁଦଣ୍ଡରେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ ଯଥାଶୀଘ୍ର ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ହର୍ନିଏଟେଡ୍ ଡିସ୍କ (ମେରୁଦଣ୍ଡର ହାଡ ମଧ୍ୟରେ ଏକ ରବର ଡିସ୍କ), ଫେସେଟ୍ ଗଣ୍ଠି ପାଥୋଲୋଜି (ଅସ୍ୱାଭାବିକ ପେଲଭିକ୍ ଟିଲ୍ଟ ଏବଂ ଟାଇଟ୍ ହାମଷ୍ଟ୍ରିଙ୍ଗ୍, ହିପ୍ ରୋଟେଟର୍ ଇତ୍ୟାଦି କାରଣରୁ ବାଣ୍ଡର ଘୂର୍ଣ୍ଣନ) ଏବଂ ଅଷ୍ଟିଓଫାଇଟ୍ ଡିଜେନେରେଟିଭ୍ ବ୍ୟାଧିର ଉଦାହରଣ ଅଟେ । ଅସ୍ଥି ସ୍ୱର୍ସ ବାର୍ଦ୍ଧକ୍ୟ ବ୍ୟତୀତ ଏକ ବସିବା ଏବଂ ଅସ୍ୱାସ୍ଥ୍ୟକର ଜୀବନ୍ତ ଉପାୟ, ଏବଂ ଖରାପ ସ୍ଥିତି ମଧ୍ୟ ଏହି ସମସ୍ୟା ସୃଷ୍ଟି କରିପାରେ । ନ୍ତମେରୁଦଣ୍ଡର ଅସୁବିଧା କିମ୍ବା ଯନ୍ତ୍ରଣାକୁ ଅଣଦେଖା ନକରିବା ଅତ୍ୟନ୍ତ ଜରୁରୀ ବୋଲିନ୍ତ, ଭୁବନେଶ୍ୱର ନ୍ୟୁରୋ ସର୍ଜନ ଡକ୍ଟର ସିଦ୍ଧାର୍ଥ ଶଙ୍କର ସାହୁ କହିଛନ୍ତି । ନ୍ତବେଳେବେଳେ ପିଠି ସ୍ୱାଭାବକ ଥିବାବେଳେ, ବାରମ୍ବାର ପିଠି ଯନ୍ତ୍ରଣା ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଦେଇପାରେ । ମେରୁଦଣ୍ଡ ସହିତ ସମସ୍ୟା ଅଗ୍ରଗତି ହୋଇପାରେ ଏବଂ ସମାଧାନ ହେଲେ ଏହା ବିପଜ୍ଜନକ ହୋଇପାରେ । ନିୟମିତ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବା, ହାଇଡ୍ରେଟେଡ୍ ରହିବା ଏବଂ ଉପଯୁକ୍ତ ସ୍ଥିତି ବଜାୟ ରଖିବା ଅତ୍ୟନ୍ତ ଜରୁରୀ ଅଟେ ।ଡକ୍ଟର ସାହୁ ରଖିଛନ୍ତି ଯେ, ନ୍ତଘରଇ ପରିସ୍ଥିତିରେ କାର୍ଯ୍ୟ କରିବା ଏବଂ ଅତ୍ୟଧିକ ଗ୍ୟାଜେଟ୍ ବ୍ୟବହାର ହେତୁ କୋଭିଡ୍ -୧୯ ସମୟରେ ଅନେକ ଲୋକ ବାରମ୍ବାର ବ୍ୟାକ ଅସୁବିଧା ଭୋଗୁଛନ୍ତି। ସମୟ ସହିତ, ଏହା ସମସ୍ୟାଗୁଡିକ ପାଇଁ ବିକଶିତ ହୋଇପାରେ, ଯାହା ମଧ୍ୟରୁ କିଛି ଚିକିତ୍ସା ଆବଶ୍ୟକ କରିପାରନ୍ତି । ଗୁରୁତର ଡିସ୍କ ଡିଜେନେରେସନ୍, ଭୁଲ୍ ସ୍ଥାନିତ ମେରୁଦଣ୍ଡ, କିମ୍ବା ଆଘାତଜନିତ ଭଙ୍ଗା ସବୁ ସାଧାରଣ ସୂଚକ ଯାହା ସର୍ବନିମ୍ନ ଆକ୍ରମଣକାରୀ ମେରୁଦଣ୍ଡ ଅସ୍ତ୍ରୋପଚାରର ଆବଶ୍ୟକତାକୁ ସୂଚାଇଥାଏ ।ଇଂଟଅପରେଟିଭ୍ ସ୍ନାୟୁ ମନିଟରିଂ ଏବଂ ଅନ୍ୟାନ୍ୟ ଚାଳିତ ଯନ୍ତ୍ରପାତି କମ୍ ଆକ୍ରମଣକାରୀ ସର୍ଜରୀକୁ ସକ୍ଷମ କରିଥାଏ । ଛୋଟ ଚର୍ମ ଇନସାଇନ୍ସ ଏବଂ ଟନେଲଗୁଡିକ ବ୍ୟବହାର କରି ସର୍ଜରୀ କମର ମେରୁଦଣ୍ଡକୁ ପ୍ରବେଶ କରିବା ଏବଂ ଡିଲେଟର ଟ୍ୟୁବ୍ ବ୍ୟବହାର ଦ୍ୱାରା ଏହାର ପ୍ରାକୃତିକ ବିଭାଗରେ ମାଂସପେଶୀକୁ ବିଭକ୍ତ କରିଥାଏ । ଅସ୍ଥି ପ୍ରତିରୋପଣ ପରେ ସର୍ଜନ ଏକ ଫ୍ଲୋରୋସ୍କୋପ୍ ବ୍ୟବହାର କରି, ଏକ ସ୍ୱତନ୍ତ୍ର ନ୍ତଜୀବନ୍ତ କାର୍ଯ୍ୟନ୍ତ ଏକ୍ସ-ରେ ମେସିନ୍, ମେରୁଦଣ୍ଡକୁ ଦେଖିବା ଏବଂ ସ୍କ୍ରୁଗୁଡିକ କେଉଁଠାରେ ରଖିବା ଉଚିତ ତାହା ଚିହ୍ନଟ କରିଥାଏ । ଗୋଟିଏ ମେରୁଦଣ୍ଡରେ ସ୍କ୍ରୁ ସନ୍ନିବେଶ ଅବସ୍ଥାନରେ ପହଂଚିବା ପାଇଁ ଚର୍ମ ଏବଂ ମାଂସପେଶୀ ମାଧ୍ୟମରେ ଏକ ଶକ୍ତିଶାଳୀ ତାର (ଏକ ଗାଇଡ୍ ୱାୟାର୍ କୁହାଯାଏ) ଭର୍ତି କରାଯାଇଥାଏ । ଡିଲେଟର ଟ୍ୟୁବ୍ ଗାଇଡ ୱାୟାରକୁ ଧୀରେ ଧୀରେ ପାସ୍ କରାଯାଏ ଏବଂ ମାଂସପେଶୀ ମାଧ୍ୟମରେ ଟନେଲ୍ ତିଆରି କରି ଟାର୍ଗେଟ୍ ସ୍କ୍ରୁ ସନ୍ନିବେଶ କରାଯାଇଥାଏ । ଦ୍ୱିତୀୟ ସ୍କ୍ରୁ ପାଇଁ, ପଦ୍ଧତି ପୁନରାବର୍ତି ହୁଏ । ରଡ୍ ଇନ୍ସର୍ଟର୍ ଏବଂ ସ୍କ୍ରୁ ଏକ୍ସଟେଣ୍ଡରଗୁଡିକ ଅପସାରିତ ହୋଇଯଇଥାଏ । ଅଲଗା ହୋଇଥିବା ମାଂସପେଶୀ ପୁନର୍ବାର ସଂଯୁକ୍ତ, ଏବଂ ଚର୍ମର କ୍ଷତଗୁଡିକ ବନ୍ଦ ହୋଇଯାଏ ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଜୟନ୍ତୀରେ ରକ୍ତଦାନ ଶିବିର,ସଫେଇ,ବୃକ୍ଷ ରୋପଣ ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ଶଗଡଭଙ୍ଗା ଗ୍ରାମପଂଚାୟତ ଅନ୍ତର୍ଗତ ବେତରଜଙ୍ଗ ଗ୍ରାମର ବାଲୁଙ୍କେଶ୍ୱର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୫ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସେବା ମାସରେ ଜୀବନ ବିନ୍ଦୁ ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର,ସ୍କୁଲ ପରିସର ସଫେଇ ଓ ମାସ୍କ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରୁ ମୋଟ ୧୧୦ ୟୁନିଟ ରକ୍ତ କଟକ ସେଂଟ୍ରାଲ ବ୍ଲଡ ବ୍ୟାଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ଦିବ୍ୟାଙ୍ଗ ବାପୁ ପ୍ରଧାନ ଓ ଛାତ୍ରୀ ସ୍ୱାଗତିକା ସାମନ୍ତରାୟ ପ୍ରମୁଖ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ ।

# ନଳକୂପ ଅଚଳ



ଖଣ୍ଡପଡା : ସାଧାରଣରେ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ ନିମନ୍ତେ ରାଜ୍ୟ ସରକାର ଜନସ୍ୱାସ୍ଥ୍ୟ ବିଭାଗ ଜରିଆରେ ଖଣ୍ଡପଡା ସହରାଚଂଳର ବିଭିନ୍ନ ସ୍ଥାନରେ ନଳକୂପ ଗୁଡିକ ସ୍ଥାପନ କରିଛନ୍ତି । ଏ ବାବଦରେ ରାଜ୍ୟ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଛି । ମାତ୍ର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ନଳକୂପ ଗୁଡିକ ବର୍ଷ ବର୍ଷ ଧରି ଅଚଳ ହୋଇପଡୁଥିଲେ ହେଁ ସେଗୁଡିକର ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନଳକୂପଟି ଦିର୍ଘ ବର୍ଷ ଧରି ଅଚଳ ଅବସ୍ଥାରେ ପଡି ରହିଛି । ଫଳରେ ପାନୀୟ ଜଳ ସଂଗ୍ରହ ନିମନ୍ତେ କର୍ମଚାରୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଉକ୍ତ ନଳକୂପଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

# ବନମାଳିପୁର : ଅତୀତର ପରମ୍ପରା କ୍ରମେ ଖାଡୁ ବଳଦ ଗ୍ରାମ ପରିକ୍ରମା କଲା

ଖଣ୍ଡପଡା: ଓଡ଼ିଆ ଘରର ଚଳଣି ଓ ପରମ୍ପରା ଅନୁଯାୟୀ ଦଶହରାରେ ସମସ୍ତ କାର୍ଯ୍ୟର ଅନୁକୂଳ କରାଯାଇଥାଏ । ଦିନ ଥିଲା ଲୋକେ ବ୍ୟବସାୟ, ବାଣିଜ୍ୟକୁ ଯିବା ପୂର୍ବରୁ ଦଶହରାରେ 'ଖାଡୁ ବଳଦ'କୁ ଅନୁକୂଳ ଭାବେ ଗ୍ରହଣ କରୁଥିଲେ । ଏବେ ସେ ପରମ୍ପରା ହଜିଯାଇଛି, ମାତ୍ର ଏହି ପରମ୍ପରା ଏବେ ବି ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବନମାଳିପୁର ଗ୍ରାମରେ ଦେଖିବାକୁ ମିଳୁଛି । ପୂଜାର୍ଚ୍ଚନା ମଧ୍ୟରେ ସିମୀତ ରହିଛି ଏହି ଖାଡୁ ବଳଦ ପରମ୍ପରା । କର୍ପୁର ଉଡି ଯାଇଛି ମାତ୍ର କନା ପଡିରହିଥିବା ପରି ଏହି ପରମ୍ପରାକୁ ଭୁଲି ନାହାନ୍ତି ସାହୁକାର ପରିବାରବର୍ଗ । ଏହି ପରମ୍ପରା କ୍ରମେ ଗତ ଶନିବାର ଦିନ ବନମାଳିପୁର ଗ୍ରାମର କେତେକ ନିର୍ଦ୍ଦିଷ୍ଟ ସାହୁକାର ପରିବାରବର୍ଗ ଦଶହରା ଅନୁକୂଳ ପାଇଁ ଘରେ ଥିବା ଖାଡୁ ବଳଦର ବିଭିନ୍ନ ସଂରଜାମକୁ ପୂଜାର୍ଚ୍ଚନା କରିବା ପରେ ଏକ ପାଟପଟୁଆରରେ ଗ୍ରାମ ପରିକ୍ରମା କରିଥିବା ପରିଲକ୍ଷିତ ହୋଇଥିଲା ।

## ଚାରଣଗୋଷ୍ଠୀ ଓଡ଼ିଶା ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା

ଚଣ୍ଡିଖୋଲ, (ପି.ଏନ୍) : ଚଣ୍ଡିଖୋଲ ଛକ ସନ୍ନିକଟ କ୍ଷେତ୍ରପାଳ ଗ୍ରାମଠାରେ ଚାରଣଗୋଷ୍ଠୀ ଓଡ଼ିଶା ପକ୍ଷରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାରଣଗୋଷ୍ଠୀ ଓଡ଼ିଶାର ଅଧ୍ୟକ୍ଷ ଚାରଣ ଉଦୟ ନାଥ ସାହୁ, ବୀର କିଶୋର ସାହୁ, ଭରତ ଚନ୍ଦ୍ର ବିଶ୍ୱାଳ, ବାବନ ଦାସ, ପବିତ୍ର କୁମାର ବଳ, ସୂର୍ଯ୍ୟମଣୀ କବି, ଅକ୍ଷୟ କୁମାର ମହାନ୍ତି, ବିଚିତ୍ରା ନନ୍ଦ ମହାନ୍ତି, ଅବସର ପ୍ରାପ୍ତ ଶିକ୍ଷକ ଜଗନ୍ନାଥ ସାମନ୍ତରାୟ, ବ୍ରଜ କିଶେର ଜେନା, ସ୍ୟାମସୁନ୍ଦର ଜେନା, ସୁରେଶ ଖଣ୍ଡାଇ ନନ୍ଦକିଶୋର ଜେନା, ସତ୍ୟବ୍ରତ ଖଣ୍ଡାଇ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରକୁ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଓଁକାର ସ୍ୱାଧ୍ୟାୟ କରାଯାଇ ବିଷ୍ଣୁ ସହସ୍ର ନାମ, ହନୁମାନ ଚାଳିଶା ପଠନ କରାଯାଇଥିଲା । ପଂଚ ଶଖା ମଧ୍ୟରୁ ଅନ୍ୟତମ ଶଖା ଶ୍ରୀ ଜଗନ୍ନାଥ ଦାସଙ୍କ ଲିଖିତ ଭାଗବତରୁ ଗୋଟିଏ ଅଧ୍ୟାୟ ପଠନ କରାଯିବା ପରେ ପ୍ରଭୁଙ୍କ ଭଜନ କରାଯାଇଥିଲା । ପ୍ରକାଶ ଥାଉକି ଆମର ବଡ଼ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭାବରେ ନିଜକୁ ବାନ୍ଧିବା ପାଇଁ ସମସ୍ତେ ପ୍ରତ୍ୟେକ ଦିନ ବିଷ୍ଣୁ ସହସ୍ର ନାମ ଓ ଭାଗବତ ପଠନ କରିପାରିଲେ ଆମେ ସାନିଧ ଲାଭ କରିପାରିବା ବୋଲି ଚାରଣ ଗୋଷ୍ଠୀ ଓଡ଼ିଶା ଅଧ୍ୟକ୍ଷ ଉଦୟ ନାଥ ସାହୁ ପ୍ରକାଶ କରିଥିଲେ ।

## କରୋନା କଟକଣା ଓ ଲଗାଣ ବର୍ଷା ଯୋଗୁଁ ଫିକା ପଡିଲା ଦଶହରା

ଖଣ୍ଡପଡା: ଚଳିତ ବର୍ଷ କରୋନା କଟକଣା ସାଙ୍ଗକୁ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡା ସହରାଚଂଳ ଠାରୁ ଆରମ୍ଭ କରି ଗ୍ରାମାଚଂଳ ଗୁଡିକରେ ଦଶହରା ପର୍ବ ସଂପୂର୍ଣ୍ଣ ଫିକା ପଡିଯାଇଛି । ପୂଜାମଣ୍ଡପ ଗୁଡିକ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉନଥିବାରୁ ସର୍ବତ୍ର ଖାଁ ଖାଁ ପରିବେଶ ସୃଷ୍ଟି ହୋଇଛି । ବିଭିନ୍ନ ସ୍ଥାନରେ ପୂଜାମଣ୍ଡପରେ ମା ଦୁର୍ଗାଙ୍କ ମୃଣ୍ମୟ ମୂର୍ତୀ ପୂଜା ପାଉଛନ୍ତି । ମାତ୍ର ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ରଙ୍ଗୀନ ଆଲୋକ ମାଳା କି ରାସ୍ତା ଉପରେ ସୁଉଚ୍ଚ ତୋରଣ ଆଉ ଦେଖିବାକୁ ମିଳିନଥିଲା । ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଗ୍ରାମର ୫ଟି ପୂଜା ମଣ୍ଡପରେ ମା ଦୁର୍ଗାଙ୍କର ମୃଣ୍ମୟ ମୂର୍ତୀ ପୂଜା ପାଉଛନ୍ତି । ପ୍ରତିବର୍ଷ ଦଶହରା ପର୍ବ ଯୋଗୁଁ ଖଳିସାହି ଗ୍ରାମଟି ଉତ୍ସବମୁଖର ହୋଇ ଉଠୁଥିବା ବେଳେ ଚଳିତ ବର୍ଷ ପାରିପାର୍ଶ୍ୱିକ ପରିସ୍ଥିତି ସବୁ କିଛି ବିଗାଡି ଦେଇଛି । ପ୍ରଶାସନର କଟକଣା ଯୋଗୁଁ ପୂଜା ମଣ୍ଡପ ଗୁଡିକ ନିକଟରେ ଖଣ୍ଡପଡା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ଆସନ୍ତା କୁମାର ପୂର୍ଣ୍ଣମୀ ତିଥିରେ 'ମା'ଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର କର୍ମକର୍ତାଙ୍କ ସୂତ୍ରରୁ ଜଣାପଡିଛି ।

## ନ୍ତପ୍ରୟାସ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏ .ପି .ଜେ ଅବଦୁଲ କଲାମଙ୍କ ୯୦ ତମ ଜୟନ୍ତୀ ପାଳିତ

ଚଣ୍ଡିଖୋଲ , ପିଏନ) : ଯାଜପୁର ଜିଲ୍ଲା ଚଣ୍ଡିଖୋଲ ସ୍ଥିତ ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ତପ୍ରୟାସ ନ୍ତ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଡ଼: ଏ .ପି .ଜେ ଅବଦୁଲ କଲାମଙ୍କ ୯୦ ତମ ଜୟନ୍ତୀ ଶୁକ୍ରବାର ଚଣ୍ଡିଖୋଲ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠାନ ର ଉପଦେଷ୍ଟା ଭକ୍ତ ଚରଣ ସାହୁ ଙ୍କ ଅଧକ୍ଷତରେ ପାଳିତ ହେଇଯାଇଛି .ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି କଲାମଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ଜୟନ୍ତୀ ଉଛବକୁ ଉଦଘାଟନ କରିଥିଲେ.୨୦୦୩ ମସିହାରେ ଏକ ମହନୀୟ କାର୍ଯ୍ୟରେ ପୂର୍ବତନ ରାଷ୍ଟ୍ରପତି ଏହି ଅଂଚଳକୁ ଆସି ଏହି ବଡ଼ଚଣା ମାଟିକୁ ଗୌରବାନିତ କରିଥିଲେ.ତାଙ୍କ ସ୍ମୃତି କୁ ମନେରଖିବା ପାଇଁ ପ୍ରୟାସ ପକ୍ଷରୁ ପ୍ରତିବର୍ଷ ଜୟନ୍ତୀ ପାଳନକୁ ବିଧାୟକ ପ୍ରଂଶସା କରିବା ସହ ଖୁବଶୀଘ୍ର କଲାମ ଆସିଥିବା ସ୍ଥାନୀୟ ରାଣୀବନ୍ଦୀ ଗ୍ରାମରେ ଏକ ଅବକ୍ଷ ପ୍ରତିମୁର୍ତି ଉନ୍ମୋଚନ ହେବ ବୋଲି ଘୋଷଣା କରିଥିଲେ .ମୁଖ୍ୟ ବ୍ୟକ୍ତଭାବେ ତହସିଲଦାର ପ୍ରଦୀପ ସେଠୀ,ସ୍ଥାନୀୟ ସରପଂଚ ଯଯାତି କେଶରୀ ରାଉତ ,ଆଇନଜୀବୀ ଦେବରାଜ ବେହେରା ଓ ଅଧାପକ ସଲିଲ ରାଜନନ୍ଦନ ମହାନ୍ତି ଅତିଥି ଭାବେ ଯୋଗ ଦେଇ କଲାମଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଆଗାମୀ ପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ .ପ୍ରୟାସ ସଭାପତି ଆଇନଜୀବୀ ଆଶିଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଭାରତ ଭୂଷଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ .ଏହି ଅବସରରେ ଓ ଏ ସ ପରୀକ୍ଷାରେ ଟପର ହେଇଥିବା ଅଶ୍ୱିନୀ କୁମାର ପଣ୍ଡା ,ତପନ ତରେଇ ଓ କଳ୍ପିତା ଜେନା ପ୍ରମୁଖଙ୍କୁ ଉତ୍ତରୀୟ ,ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ .ବେତାରକଣ୍ଠ ଶିଳ୍ପୀ ଅଜୟ କୁମାର ଜେନା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ .ଆମ୍ବ ଅଧକ୍ଷ ନିରଞ୍ଜନ ସେନାପତି ,ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ,ସାମ୍ବାଦିକ ଶିବରାମ ସାହୁ ,ପ୍ରସନ୍ନ ବିଶ୍ୱାଳ ,ଦିଗମ୍ବର ମହାପାତ୍ର,ପ୍ରଭାକର ସାମଲ ,ଛାତ୍ର ବିଜେଡି ସଭାପତି ଜଚିନ୍ଦ୍ର ନାୟକ,ଚିନ୍ମୟ ମହାନ୍ତି ,ଜଗନାଥ ମୁଦୁଲି ପ୍ରମୁଖ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ.ନ୍ତପ୍ରୟାସନ୍ତ ର ବରିଷ୍ଠ ସଭ୍ୟ ହେମେଶ କୁମାର ଜେନା ,ପ୍ରମୋଦ

# ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଚଣ୍ଡିଖୋଲ ପକ୍ଷରୁ ନବରାତ୍ରୀ ଉତ୍ସବ ପାଳିତ



ଚଣ୍ଡିଖୋଲ,(ପି.ଏନ୍) : ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଭଜନ ମଣ୍ଡଳୀ ପକ୍ଷରୁ ସାରା ବିଶ୍ୱରେ ନବରାତ୍ର ଉତ୍ସବ ପାଳିତ ହୋଇଯାଇଛି । ସେ ନେଇ ଚଣ୍ଡିଖୋଲ ସ୍ଥିତ ସତ୍ୟସାଇ ଭଜନମଣ୍ଡଳୀ ପକ୍ଷରୁ ନିଶିମଳା ସାଇ ମନ୍ଦିର ଠାରେ ଦୀର୍ଘ ୯ଦିନ ଧରି ନବରାତ୍ର ଉତ୍ସବ ପାଳିତ ହୋଇଯାଇଛି । ସତ୍ୟସାଇ ମନ୍ଦିରଠାରେ ପ୍ରାତ ସମୟରେ ନଗର ଭ୍ରମଣ ସହିତ ପ୍ରତ୍ୟେକ ଦିନ ବାବାଙ୍କ ଫଟୋଚିତ୍ର ସମ୍ମୁଖରେ ଷୋଡଶ ଉପଚାର ପୂଜା ଓ ସନ୍ଧ୍ୟା ସମୟରେ ଭଜନ ହୋଇଥାଏ । ବିଜୟା ଦଶମୀ ଦିନ ଭଜନ ମଣ୍ଡଳୀର ଆବାହକ ଦୁଷ୍ମନ୍ତ ଖିଲାର ଷୋଡ଼ଶ ଉପଚାର ପୂଜା କରି ଭଗବାନ ଶ୍ରୀ ସାଇଙ୍କ ସରଣାଗତ ହୋଇଥିଲେ । ସନ୍ଧ୍ୟା ସମୟରେ ବେଦ ପାଠ କରାଯାଇ ଭଜନ କରାଯାଇଥିଲା । ବିଜୟା ଦଶମୀ ଉପଲକ୍ଷେ ଶ୍ରୀ ସତ୍ୟସାଇ ସେବା ସମିତି କଳଣର ଯୁବ ସଂଯୋଜକ ରଶ୍ମୀକାନ୍ତ ସାହୁ ପ୍ରବଚକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଇ ଅଶ୍ରୀତ ସିବରାମ ସାହୁ, ପ୍ରଦୀପ୍ତ ଜେନା, ପ୍ରଭାତ ଜେନା, ଜୀତେନ୍ଦ୍ର ସ୍ୱାଇଁ , ବିରବର ଖଣ୍ଡାଇ, ପ୍ରଶାନ୍ତ ମଲ୍ଲିକ, ପୁରସ୍ତମ ବଳ, ହେମନ୍ତ ନାୟକ, ଚାନ୍ଦଗୋବିନ୍ଦ ସାହୁ, ପ୍ରକାଶ ମଲ୍ଲିକ, ତାପସ ମଲ୍ଲିକ, ବୁଟୁ ଓ ସାଇ ଆଶ୍ରିତା ବାଳବିକାଶ କେନ୍ଦ୍ରର ଗୁରୁମା ପ୍ରଭାଶିନୀ ଖିଲାର, ସୁମନ୍ତି ମଣି ହାସଦା, ଅର୍ଚ୍ଚନା ଜେନା, ପ୍ରତିମା ଜେନା, ଭାମା ମଲ୍ଲିକ, ଉଜ୍ଜ୍ୱଳି ସାହୁ, କେତକୀ ଖିଲାର, ପ୍ରିତିସା ଖିଲାର ପ୍ରମୁଖ ଯୋଗଦେଇ ଭଜନ କରିଥିଲେ । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ କଥା ଓ କାହାଣୀ ସମ୍ପର୍କରେ ଓ ଦଶହରାରେ ବିଜୟା ଦଶମୀର ତାତ୍ପର୍ଯ୍ୟ ସମ୍ପର୍କରେ ଏବଂ ମର୍ଯ୍ୟାଦା ପୁରୁଷ ଶ୍ରୀଶ୍ରୀରାମ କିପରି ଭାବେ ମହାଜ୍ଞାନୀ ରାବଣକୁ ବଦ୍ଧ କରି ଅସୁରୀକ ଶକ୍ତିକୁ ବିନାସ କରାଇ ଧର୍ମ ସଂସ୍ଥାପନ କରିଥିଲେ ସେ ସମ୍ପର୍କରେ ପ୍ରବଚକ ଶ୍ରୀ ରଶ୍ମିକାନ୍ତ ସାହୁ ପ୍ରବଚନ ଦେଇଥିଲେ । ଶେଷରେ ବାବାଙ୍କ ଫଟୋ ଚିତ୍ର ସମ୍ମୁଖରେ ଆଳତି କରାଯାଇଥିଲା ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

## MAHARISHI PUBLIC SCHOOL

N4-F/24, IRC Village, Nayapalli,

Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray